ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.235 Bhubaneswar Sunday November 06 2022 | ୨୫ତମ ବର୍ଷ ସଂଖ୍ୟା-୨୩୫ ଭୁବନେଶ୍ୱର, ରବିବାର, ନଭେମ୍ବର ୦୬, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ନିୟତିର ପଶାପାଳିରେ ନିସଙ୍ଗ ଥିଲେ ଶେଷଦେବ, ପାଇଲେ ନୂଆ ସାଥୀ

ରେଢାଖୋଲ,୫।୧୧(ପି.ଏନ): ଗାଁକୁ ଫେରିଛନ୍ତି ଶେଷ। ଇଏ ସେହି ଶେଷ, ଯାହାଙ୍କୁ କୋଳାଇ ଧରିଥିଲା ଦାରିଦ୍ର୍ୟ। ଆଉ ସମାଜ ଆଗରେ କରିଥିଲା ଲୋକହସା। ଖାଲି ଲୋକହସା କରିନଥିଲା, ବରଂ ଅଳ୍ପ ଦିନର ବ୍ୟବଧାନରେ ତାଙ୍କ ପାଖରୁ ମାଆ, ବାପା ଆଉ ବଡ ଭଉଣୀଙ୍କୁ ଛଡାଇ ନେଇଥିଲା। ଏତେ ସବୁ ଦୁଃଖ ଓ ଯନ୍ତ୍ରଣା ଭିତରେ କିନ୍ତୁ ଶେଷ ହାର ମାନିନଥିଲେ। ପାଠ ପଢ଼ିଥିଲେ। ସମ୍ବଲପୁର ଭାୟା ଭୁବନେଶ୍ୱର ନାଇଜର ଦେଇ ଗଲେ ଜର୍ମାନ। ୪ ବର୍ଷ ପରେ ଗାଁକୁ ଫେରିଛନ୍ତି ବୈଜ୍ଞାନିକ ଶେଷଦେବ କିସାନ୍।ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ୍ ବଲାସିଂଘା ଗାଁର ଶେଷଦେବ କିସାନ। ଠିକ୍ ଭାବେ ଦୁନିଆ ଦେଖିନଥିଲେ। ତାଙ୍କ ମୁଣ୍ଡ ଉପରୁ ଉଠିଗଲା ମାଆ ଦୁଃଖି କିସାନ୍ଙ୍କ ପଣତ କାନି। ୩ ବର୍ଷ ବୟସରେ ମାଆ ଛେଉଣ୍ଡ ହୋଇଗଲେ ଶେଷ। ବଡ ଭଉଣୀଙ୍କ କୋଳରେ ମାଆଙ୍କ ଦୁନିଆ ଦେଖିଲେ ଶେଷ। ଗାଁ ସ୍କୁଲରେ ପାଠ ପଢ଼ିଲେ।ବାପା ବିପିନ୍ କିସାନ୍? ଜଣେ ଶ୍ରମିକ। ତାଙ୍କ ପରିଶ୍ରମରେ ପରିବାର ଚଳୁଥିଲା। ହେଲେ ଶେଷଙ୍କ ପାଠ ପଢ଼ିବାରେ ଅସୁବିଧା ହେଉଥିଲା। ପାଖରେ ସମ୍ବଳ ନଥିବାରୁ କୁନି ପାଦରେ ବହି ବସ୍ତାନି ଛାଡି ଗାଈ ଚଳାଇବାକୁ ଗଲେ ଶେଷ। ଏପରିକି ବାପାଙ୍କ ସହିତ ମଜୁରୀ ମଧ ଲାଗିଲେ। ଯାହା ପଇସା ଆଣୁଥିଲେ ସେଥିରେ ଚଳୁଥିଲା ପରିବାର ଓ ପଢୁଥିଲେ। ଶେଷ ପାଠରେ ମେଧାବୀ ଥିଲେ। ସେଥିପାଇଁ ଗାଁ ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ନବୋଦୟ ପରୀକ୍ଷାରେ ପାସ୍ କରିଥିଲେ।ଆଉ ତା'ପରେ ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ଚାଲିଗଲେ ଶେଷ। ସେଠାରେ ମନଦେଇ ପାଠ ପଢ଼ିଲେ। ତେବେ ଦଶମ ପରୀକ୍ଷା ଦେବା ପୂର୍ବରୁ ହାତ ଛାଡି ଦେଲେ ବାପା। ଅଫେରା ରାଇଜକୁ ଚାଲିଗଲେ। ବାପାଙ୍କ ଦେହାନ୍ତ ପରେ ଭାଙ୍ଗି ପଡିଲେ ଶେଷ। ଠିକ୍ ପାଠ ପଢ଼ିଲେ ନାହିଁ। ବାପାଙ୍କ କଥା ବହୁ ମନେ ପଡିଲା। ତେଣୁ କିଛି ସମୟ ପାଇଁ ଘରକୁ ଫେରି ଆସୁଲେ। ଆଉ ବଡ ଭଉଣୀଙ୍କ ସହ ରହି ପୁଣି ଥରେ ନବୋଦୟ ବିଦ୍ୟାଳୟକୁ ଫେରିଗଲେ। ଶେଷ ନବୋଦୟ ବିଦ୍ୟାଳୟରେ ଯୁକ୍ତ ଦୁଇରେ ଭଲ ନମ୍ବରରେ ପାସ୍ କରିଥିଲେ। ତା'ପରେ ଘରକୁ ଫେରି ଆସିଲେ। ଗାଁରେ ରହି ପାଠ ପଢ଼ିବା ସହିତ ବିଭିନ୍ନ ଏନ୍ଟ୍ରାନ୍ସ ଦେଲେ। ଆଉ ଭୁବନେଶ୍ୱର ନାଇଜରରେ ପାଠ ପଢ଼ିବା ପାଇଁ ଚୟନ ହେଲେ। ବଡ ଭଉଣୀଙ୍କୁ ଘରେ ଏକାକୀ ଛାଡି ରାଜଧାନୀ ଭୁବନେଶ୍ୱର ଚାଲି ଆସିଲେ ଶେ ଷ। ଏଠାରେ ରହି ନାଇଜରରେ ପାଠ ପଢ଼ିଲେ। ସେଥିପାଇଁ ତାଙ୍କୁ ସ୍କଲାସିପ୍ ବାବଦକୁ ୫୦୦୦ ଟଙ୍କା ମିଳୁଥିଲା। ସେହି ଟଙ୍କାରେ ଚଳି ଯାଉଥିଲେ ଶେଷ। ହେଲେ ତାଙ୍କୁ ଘାରିଥିଲା ରୋଗୀଣା ବଡ ଭଉଣୀଙ୍କ ଯନ୍ତ୍ରଣା। ତେଣୁ ବାହାରେ ଟ୍ୟୁସନ୍ କଲେ। ଯାହା ରୋଜଗାର କରୁଥିଲେ, ସେଥିରେ ଭଉଣୀଙ୍କ ଚିକିତ୍ସା କରାଉଥିଲେ। ନିଜ କଠିନ ସାଧନା ଓ ଅଧ୍ୟବସାୟ ବଳରେ ଶେଷ ନାଇଜର ଟପ୍ପର ହେଲେ। ଆଉ କ୍ୟାମ୍ପସ ସେଲେକ୍ସନ୍‌ରେ ଜର୍ମାନ ଗୋଟିଂଜେନ ବିଶ୍ୱବିଦ୍ୟାଳୟରେ ଗବେଷକ ଭାବେ ମନୋନୀତ ହେଲେ। ସେଥିପାଇଁ ତାଙ୍କ ପାଖରୁ ଛୁଟି ଆସିଥିଲା ଶୁଭେଚ୍ଛାର ସୁଅ। ଗଣମାଧ୍ୟମର ଶିରୋନାମା ପାଲଟିଲେ ଶେଷ।ଜର୍ମାନରେ ଚାକିରି ପାଇବା ପରେ ଶେଷ ଉଲ୍ଲସିତ ହୋଇଥିଲେ। ହେଲେ ପାଖରେ ଟଙ୍କାଟିଏ ନଥିବାରୁ ଜର୍ମାନ ଯିବାକୁ ନେଇ ଚିନ୍ତାରେ ପଡି ଯାଇଥିଲେ। ଜର୍ମାନ କେମିତି ଯିବେ ସେହି ଚିନ୍ତାରେ ପଡି ଯାଇଥିଲେ ଶେଷ। ଏହି କଥା ଯାଇ ପହଞ୍ଚି ଥିଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ।ଶେଷ ଘରେ ଥିଲେ। ହଠାତ୍ ନବୀନ ନିବାସରୁ ଶେଷଙ୍କୁ ଡାକରା ଆସିଲା। ଡାକରା ପାଇଁ ନବୀନ ନିବାସ ଧାଇଁ ଯାଇଥିଲେ ଶେଷ। ମୁଖ୍ୟମନ୍ତ୍ରୀ ତାଙ୍କ ସହିତ କିଛି ସମୟ କଥା ହୋଇଥିଲେ। ଆଉ ଗୋଟିଏ ଆଇଫୋନ୍ ଶେଷଙ୍କୁ ଉପହାର ସ୍ୱରୁପ ଦେଇଥିଲେ। ଏଥିସହ ଜର୍ମାନ ଯିବା ପାଇଁ ଦୁଇ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କଠାରୁ ଏପରି ଉପହାର ପାଇବା ପରେ ଶେଷ ଭାବବ୍ୟହଳ ହୋଇ ପଡିଥିଲେ। ଶପଥ ନେଇଥିଲେ, ବିଦେଶ ଗଲେ ମଧ ଓଡିଶା ପାଇଁ କିଛି କରିବେ।ବଡ ଭଉଣୀଙ୍କୁ ଘରେ ଛାଡି ଜର୍ମାନ ଯାତ୍ରା କଲେ ଶେଷ। ଗୋଟିଂଜେନ ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକ ଭାବେ ନୂଆ ଜୀବନ ଆରମ୍ଭ କଲେ। ନୂଆ ନୂଆ ରିସର୍ଚ୍ଚରେ ନିଜକୁ ସାମିଲ କରିଥିଲେ। ଭଲ ଦରମା ପାଇଲେ। ହେଲେ ଦୁଃଖ ଓ ଯନ୍ତ୍ରଣାରେ ଘାଣ୍ଟି ହେଉଥିବା ବଡ ଭଉଣୀଙ୍କୁ ଭୁଲି ପାରୁନଥିଲେ। ତା' ପାଇଁ ଗାଁରେ ଗୋଟିଏ ଘର କରିବା ପାଇଁ ମନସ୍ତ କଲେ। ଗାଁର ଶାନ୍ତ ପରିବେଶରେ ପକ୍କା ଘରଟିଏ ତିଆରି କଲେ ଶେଷ। ହେଲେ ଘର ତିଆରି ସରିବା ପୂର୍ବରୁ ବଡଭଉଣୀ ଚିର ନିଦ୍ରାରେ ଶୋଇଗଲେ। ବଡଭଉଣୀ ଚାଲିଗଲା ପରେ ସମ୍ପୂର୍ଣ୍ଣ ଏକଲା ହୋଇଗଲେ ଶେଷ। ମହାମାରୀ କରୋନା ସମଗ୍ର ବିଶ୍ୱକୁ ଗ୍ରାସିଲା। ପାଠ ପଢ଼ା ଠପ୍ ହୋଇଗଲା। ଜର୍ମାନରେ ରହିଥିଲେ ମଧ ଗାଁ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ବ୍ୟବସ୍ଥା କଲେ ଶେଷ। ୨୦୨୦ ମସିହାରେ ଗାଁ ଲୋକଙ୍କୁ କହି ଗୋଟିଏ ଝାଟିମାଟିର ଘର ତିଆରି କଲେ। ସେହି ଘରେ ଗାଁ ପିଲାଙ୍କ ପାଠ ପଢ଼ାଇବାର ବ୍ୟବସ୍ଥା କଲେ। ସେଥିପାଇଁ ଦୁଇ ଜଣ ଟ୍ୟୁସନ୍ ମାଷ୍ଟର ନିଯୁକ୍ତି ଦେଲେ। ଏବେ ସେଠାରେ ୧୭୦ ପିଲା ପାଠ ପଢୁଛନ୍ତି। ଶେଷଙ୍କ ଟଙ୍କାରେ ଟ୍ୟୁସନ୍ ମାଷ୍ଟର ଦରମା ନେଉଛନ୍ତି ଓ ପିଲାଙ୍କ ବହି, ଖାତା, କଲମ କିଣାଯାଉଛି। ୧୭୦ ପିଲାଙ୍କ ପାଠ ପଢ଼ା ଦାୟିତ୍ୱ ନେଇଛନ୍ତି ବୈଜ୍ଞାନିକ ଶେଷ କିସାନ୍। ବୈଜ୍ଞାନିକ ଶେଷଦେବ କିସାନ୍ଙ୍କୁ ଛୁଇଁଲାଣି ଯୌବନ। ସେ ବାହା ହେବେ। ସେଥିପାଇଁ ମାଟ୍ରିମୋନିଆଲ୍‌ରେ ଆବେଦନ କରିଥିଲେ। ତାଙ୍କ ପ୍ରୋଫାଇଲ୍ ଦେଖି ବହୁ ଯୁବତୀ ବାହା ହେବା ପାଇଁ ପ୍ରସ୍ତାବ ଦେଇଥିଲେ। ସେମାନଙ୍କ ଭିତରୁ ସେ ବାଲେଶ୍ୱର ଜୟଶ୍ରୀ ଜେନାଙ୍କୁ ବାହା ହେବା ପାଇଁ ମନ ଦେଇଛନ୍ତି। ଆସନ୍ତା ୨୨ ତାରିଖରେ ହାତକୁ ଦି' ହାତ ହେବେ। ସେଥିପାଇଁ ଓଡିଶା ଆସିଛନ୍ତି ଶେଷ।



## ଆଜି ଧାମନଗର ଉପନିର୍ବାଚନ ରେଜଲ୍ଟ : ସକାଳ ୮ଟାରୁ ଭୋଟ ଗଣତି

ଭୁବନେଶ୍ୱର, ୫।୧୧(ପି.ଏନ): ଆସନ୍ତାକାଲି (ରବିବାର) ଧାମନଗର ଉପନିର୍ବାଚନ ଫଳାଫଳ ପ୍ରକାଶ ପାଇବ। ଏସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ କହିଛନ୍ତି ରବିବାର ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହେବ। ଭଦ୍ରକ ସଂସ୍କୃତି ଭବନରେ ଭୋଟ୍ ଗଣତି ପାଇଁ ବ୍ୟବସ୍ଥା କରାଯାଇଛି। ଭୋଟ ଗଣତି ପାଇଁ ୧୪ଟି ଟେବୁଲର ବ୍ୟବସ୍ଥା କରାଯାଇଛି। କାଉଂଟିଂ ପାଇଁ ପ୍ରତି ଟେବୁଲରେ ଜଣେ ସୁପରଭାଇଜର, ଜଣେ ଆସିଷ୍ଟାଂଟ ସୁପରଭାଇଜର ଓ ଜଣେ ମାଇକ୍ରୋ ଅବଜରଭର ରହିବେ। ୧୮ଟି ରାଉଣ୍ଡରେ ଭୋଟ୍ ଗଣତି ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ସଂସ୍କୃତି ଭବନରେ ବ୍ୟାପକ ବ୍ୟବସ୍ଥା କରାଯାଇଛି।ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ଆରମ୍ଭ ହେବ। ଭୋଟ ଗଣତି ପାଇଁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କେନ୍ଦ୍ରୀୟ ସୁରକ୍ଷାବଳ ଓ ରାଜ୍ୟ ପୁଲିସ ନିୟୋଜିତ ହୋଇଛନ୍ତି। ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ବଳୟରେ ଇଭିଏମ ରଖାଯାଇଛି। ଭୋଟଗ୍ରହଣ ପରେ ୨୫୨ଗୋଟି ବୁଥ୍ ରୁ ଫେରିଥିବା ଇଭିଏମ୍ ଭୋଟଗୁଡ଼ିକୁ ସମୁଦାୟ ୧୮ଟି ରାଉଣ୍ଡରେ ଗଣତି କରାଯିବ ଓ ସବାଶେଷରେ ଭିଭିପ୍ୟାଟ୍ ସ୍ଲିପ୍ ଗୁଡ଼ିକୁ ଗଣତି କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଇଭିଏମ୍ ଭୋଟଗଣନା ପାଇଁ ସମୁଦାୟ ୧୪ଗୋଟି ଟେବୁଲର ବ୍ୟବସ୍ଥା କରାଯାଇଥିବାବେଳେ ପୋଷ୍ଟାଲ ବାଲାଟ ଗଣତି ପାଇଁ ରିଟର୍ଣ୍ଣିଂ ଅଧିକାରୀଙ୍କ ପାଖରେ ଅନ୍ୟ ଗୋଟିଏ ଟେବୁଲର ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ପର୍ଯ୍ୟବେକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ପ୍ରକାରର ଗଣତି କାର୍ଯ୍ୟ କରାଯିବ। ପ୍ରତ୍ୟେକ କାଉଂଟିଂ ଟେବୁଲ୍ ପାଇଁ ଜଣେ କାଉଂଟିଂ ସୁପରଭାଇଜର ଓ ଜଣେ କାଉଂଟିଂ ଆସିଷ୍ଟାଂଟ ନିଯୁକ୍ତ ହୋଇଛନ୍ତି ଓ ଏତଦ୍‌ବ୍ୟତୀତ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କୁ ମାଇକ୍ରୋ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି, ଯିଏକି ପର୍ଯ୍ୟବେକ୍ଷକଙ୍କୁ ମତଗଣନା ସମୟରେ ସହାୟତା କରିବେ । ଭୋଟଗଣନାର ପ୍ରତ୍ୟେକ ରାଉଣ୍ଡର ଫଳାଫଳ ଜନସାଧାରଣଙ୍କୁ ଜଣାଇବା ପାଇଁ ଡାକବାଜି ଯନ୍ତ୍ର ସହ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଶାସନ ତରଫରୁ କରାଯାଇଛି । ପ୍ରାର୍ଥୀମାନଙ୍କ ଦ୍ୱାରା ମନୋନୀତ ହୋଇଥିବା ଏଜେଂଟମାନେ ଭୋଟଗଣନାର ପ୍ରକ୍ରିୟା ନିରୀକ୍ଷଣ କରିବା ପାଇଁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ପ୍ରକାଶ ଥାଉକି ତ୍ରିସ୍ତରୀୟ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଷ୍ଟ୍ରଙ୍ଗରୁମ୍‌ରେ ପୁଲଡ୍ ଇଭିଏମ୍ ଗୁଡ଼ିକୁ ରଖାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଜଣାଇଛନ୍ତି । ଭୋଟଗଣନା କେନ୍ଦ୍ରଠାରେ ଫଳାଫଳ ଜାଣିବା ନିମନ୍ତେ ମାଇକ ଦ୍ୱାରା ପ୍ରଚାର କରାଯିବାର ବ୍ୟବସ୍ଥା କରାଯାଇଛି ଓ ଏ ନିର୍ବାଚନ ଫଳାଫଳ ମଧ ୱେବ୍‌ସାଇଟ୍ ମାଧ୍ୟମରେ ଜନସାଧାରଣ ପାଇପାରିବେ । ସୂଚନାଯୋଗ୍ୟ ଯେ ଧାମନଗର ଉପନିର୍ବାଚନ ପାଇଁ ଗୁରୁବାରଭୋଟ୍ ଗ୍ରହଣ ହୋଇଥିଲା।ଉପନିର୍ବାଚନରେ ମୋଟ ୬୮.୯୮ ପ୍ରତିଶତ ମତଦାନ ହୋଇଛି। ନିର୍ବାଚନରେ ତିନି ପ୍ରମୁଖ ରାଜନୈତିକ ଦଳ ମଧ୍ୟରୁ ବିଜେପିର ସୂର୍ଯ୍ୟବଂଶୀ ସୂରଜ ସ୍ଥିତପ୍ରଜ୍ଞ, ବିଜେଡିର ଅବନ୍ତୀ ଦାସ, କଂଗ୍ରେସର ବାବା ହରେକୃଷ୍ଣ ସେଠୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜେନ୍ଦ୍ର ଦାସ ଓ ପବିତ୍ରମୋହନ ଦାସ ମଇଦାନରେ ରହିଛନ୍ତି।

## କଲେଜରୁ ବାଇକ୍‌ରେ ଫେରୁଥିଲେ ଭାଇ ଭଉଣୀ, ପଛରୁ ଧକ୍କା ଦେଲା ହାଇୱା

ଯାଜପୁର,୫।୧୧(ପି.ଏନ): କଲେଜରୁ ବାଇକ୍?ରେ ଫେରୁଥିଲେ ଭାଇ ଭଉଣୀ। ବାଟରେ ତାଙ୍କ ବାଇକକୁ ପଛରୁ ଧକ୍କା ଦେଲା ହାଇୱା। ଫଳରେ ଭଉଣୀର ମୃତ୍ୟୁ ହୋଇଥିବା ବେଳେ ଭାଇ ଗୁରୁତର ହୋଇଛି। ଆଜି ଯାଜପୁର ଜିଲ୍ଲା ଜେନାପୁର ଥାନା ଅଧିନ ୫୩ ନମ୍ବର ଜାତୀୟ ରାଜପଥ ଚଢେଇଧରା ତଳ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଉଭୟ ସ୍ଥାନୀୟ କବାଟବନ୍ଧ ନୂଆସାହି ଗ୍ରାମର ଭୋଳେଶ୍ୱର ମହାପାତ୍ରଙ୍କ ଝିଅ ସ୍ନେହଲତା ମହାପାତ୍ର ଓ ପୁଅ ରମେଶ ମହାପାତ୍ର।ସେମାନେ ଚଣ୍ଡିଖୋଲ କଲେଜ ଯାଇଥିଲେ। ସନ୍ଧ୍ୟାରେ ଉଭୟ ଏକ ବାଇକ ଯୋଗେ ଘରକୁ ଫେରୁଥିବା ଥିଲେ। ବାଟରେ ଏକ ହାଇୱା ତାଙ୍କ ବାଇକ୍?କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସ୍ନେହଲତାର ମୃତ୍ୟୁ ହୋଇଥିବା ବେଳେ ରମେଶ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ସେଠାରେ ପହଁଚି ଆହତ ଯୁବକକୁ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଜେନାପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇୱା ଗାଡିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ତଦନ୍ତ ଚଳାଇଛି।

## ଜି. ଉଦୟଗିରି ବ୍ଲକରେ ପୁଣି ବିଡ଼ିଓ ଓ ଅଧ୍ୟକ୍ଷ ବିବାଦ ତେଜିଲା, ଉନ୍ନୟନ କାର୍ଯ୍ୟ ଠପ୍

କନ୍ଧମାଳ, ୫।୧୧(ପି.ଏନ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବ୍ଲକ ବିଡ଼ିଓ ଓ ଅଧ୍ୟକ୍ଷ ବିବାଦ ଥମିବାର ନାଁ ନେଉନି। ପୂର୍ବରୁ ବହୁ ବାର ଏହି ବ୍ଲକରେ ବିଡ଼ିଓ ଓ ଅଧ୍ୟକ୍ଷ ବିବାଦ ଚରମ ସୀମାରେ ପହଂଚି ଉଭୟଙ୍କ ମଧ୍ୟରେ କାର୍ଯ୍ୟାଳୟରେ ହାତାହାତି, ପାଟିତୁଣ୍ଡ, ଭଙ୍ଗାରୁଜା କରିବା ସହ ଥାନା ଯାଏ କଥା ଯାଇଥିଲା। ୫ ବର୍ଷରେ ଅନେକ ବିଡ଼ିଓ ମଧ ବଦଳି ହେଲେଣି। ଏବେ ପୁଣି ତାର ପୁନରାବୃତି ହୋଇଛି। ବର୍ତମାନର ଅଧ୍ୟକ୍ଷା ବିଡ଼ିଓଙ୍କ ବିରୁଦ୍ଧରେ ମାଳ ମାଳ ଅଭିଯୋଗ ଆଣି ତଦନ୍ତ ଦାବି କରିବା ସହ ବଦଳି ଦାବି କରିଛନ୍ତି। ବଦଳି ନହେଲେ ଆନ୍ଦୋଳନ ଧମକ ଦିଆଯାଇଛି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଠପ ହୋଇଯାଇଛି। ବିଶେଷ କରି ବିଡ଼ିଓ କୁଆଡେ ଲୋକ ପ୍ରତିନିଧିଙ୍କୁ ଅଣଦେଖା କରିବା, ଠିକା କାମ ନିଜେ ନିଜ ଲୋକଙ୍କୁ ବାଂଟିବା, ପିସି ଦାବି କରିବା, କାର୍ଯ୍ୟ ଖସଡ଼ା ନିଜେ ପ୍ରସ୍ତୁତ କରିବା ଆଦି ବହୁ ଅଭିଯୋଗ ଆଣିଛନ୍ତି ଅଧ୍ୟକ୍ଷା। କାର୍ଯ୍ୟାଳୟରେ ଜାତିଆଣ ମନୋଭାବ ସୃଷ୍ଟି କରିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି ସେ। ସେହିପରି ସହକାରୀ ଯନ୍ତ୍ରୀଙ୍କ ବଦଳି ହୋଇଥିଲେ ବି ତାଙ୍କୁ ବିଡ଼ିଓ ସେଠାରେ ରଖିବାକୁ ଚାହୁଁଥିବା ଶୁଣିବାକୁ ମିଳୁଛି।ଏ ନେଇ ବିଡିଓଙ୍କ ମତାମତ ପାଇଁ ଯୋଗାଯୋଗ କରାଯାଇଥିଲେ ବି ସଂଭବ ହୋଇନଥିଲା । ତେବେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରେ ସେ ଲୋକ ପ୍ରତିନିଧି ମାନଙ୍କୁ ଅଣଦେଖା କରିବା ଠିକ ନୁହେଁ ବୋଲି କହିବା ସହ ଏ ନେଇ ଅଭିଯୋଗ ଆସିଲେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ସିକ୍କିମ୍ ଯାତ୍ରା ସାରି ଦିଲ୍ଲୀ ଫେରିଲେ

ଗ୍ୟାଙ୍ଗଟକ, ୫।୧୧(ପି.ଏନ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସିକ୍କିମ୍‌ରେ ନିଜର ଦୁଇଦିନିଆ ଯାତ୍ରା ଶେଷ କରି ଦିଲ୍ଲୀ ପାଇଁ ଫେରିଛନ୍ତି। ନିଜର ଦୁଇଦିନିଆ ଯାତ୍ରାର ଶେଷ ଦିନ ଆଜି ରାଷ୍ଟ୍ରପତି ଦକ୍ଷିଣ ସିକ୍କିମ୍‌ର ନାମ୍‌ଚୀରେ ସିଦ୍ଧେଶ୍ୱର ଧାମର ଗସ୍ତ କରିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାଲି ସିକ୍କିମ ପହଂଚି ଥିଲେ। ରାଜଧାନୀ ଗାଙ୍ଗଟକ୍‌ରେ ତାଙ୍କ ସମ୍ମାନରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଜି ସକାଳେ ରାଷ୍ଟ୍ରପତି ହେଲିକାପ୍ଟରରେ ଦକ୍ଷିଣ ସିକ୍କିମ୍ ନାମ୍‌ଚୀର ସିଦ୍ଧେଶ୍ୱର ଧାମ ପହଂଚିଥିଲେ। ନାମଚୀ ହେଲିପ୍ୟାଡ଼ରେ ରାଜ୍ୟପାଳ ଗଙ୍ଗାପ୍ରସାଦ, ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ, ମନ୍ତ୍ରୀ ଏବଂ ବରିଷ୍ଠ ସରକାରୀ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।ରାଷ୍ଟ୍ରପତି ସିଦ୍ଧେଶ୍ୱର ଧାମର ଗସ୍ତ କରିଥିଲେ, ଯେଉଁଠାରେ ଶିବ ମନ୍ଦିରରେ ପୂଜାରୀଙ୍କ ଦ୍ୱାରା ରୁଦ୍ରାଭିଷେକ ପୂଜା କରାଯାଇଛି। ଏହାପରେ ରାଷ୍ଟ୍ରପତି କୌଶଳ ବିକାଶ ବିଭାଗ ଭାବେ ସ୍ୱୟଂସହାୟତା ସମୁହଙ୍କ ଦ୍ୱାରା ସ୍ଥାପିତ ଷ୍ଟାଲୋଙ୍କ ଗସ୍ତ କରିଥିଲେ। ରାଷ୍ଟ୍ରପତି ସ୍ୱଂୟ ସହାୟତା ସମୁଦାୟର ୨୬ ସଦସ୍ୟ ଏବଂ ସିକ୍କିମ୍‌ର ମହିଳା ଉଦ୍ୟମୀ ମାନଙ୍କ ସହିତ କଥାବାର୍ତା କରିଥିଲେ।

## କୋର୍ଟ ପରିସରରୁ ବାଇକ୍ ନେଇ ଦୁର୍ବୃତ ଚମ୍ପଟ୍

ଖୋର୍ଦ୍ଧା, ୫।୧୧(ପି.ଏନ): ସହରରେ ମାତିଛନ୍ତି ବାଇକ୍ ଲୁଟେରା। ଖୋର୍ଦ୍ଧା କୋର୍ଟ ପରିସରରୁ ବାଇକ୍ ନେଇ ଚମ୍ପଟ ମାରିଛନ୍ତି ଦୁର୍ବୃତ। ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୧୦ଟା ସମୟରେ ସଦର ଥାନା ଅନ୍ତର୍ଗତ ବାଜପୁର ଗ୍ରାମର ଦିବ୍ୟରଞ୍ଜନ ସାହୁ ତାଙ୍କର ବନ୍ଧୁ ବିଜୟ ସେନାପତିଙ୍କ ଓଡି ୩୩ଏମ ୭୫୪୦ ବିଶିଷ୍ଟ ବାଇକ୍ ନେଇ କୋର୍ଟ ତାରିଖରେ ହାଜର ହେବାକୁ ଆସିଥିଲେ । ସେ କୋର୍ଟ ପରିସରରେ ବାଇକ୍ ରଖି କୋର୍ଟର କୋଠରି ଭିତରେ ତାରିଖ ପଡିବାର ସମୟକୁ ଅପେକ୍ଷା କରିଥିଲେ । ଏହି ସମୟରେ ହଠାତ୍ ଜଣେ ଅଜଣା ବ୍ୟକ୍ତି ତାଙ୍କ ବାଇକ୍ ଏକ ନକଲି ଚାବିରେ ଖୋଲି ବାଇକ୍ ନେଇ କୋର୍ଟ ବାହାରକୁ ଚାଲିଯାଇଥିଲା । ତେବେ ବାଇକ୍ ଚୋରକୁ ଧରିବାକୁ କିଛି ଓକିଲ ଓ ଦିବ୍ୟରଞ୍ଜନ ପିଛା କରି ଧରିବାରେ ବିଫଳ ହୋଇଥିଲେ। ପରେ ଏନେଇ ଟାଉନ ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ କୋର୍ଟ ପରିସରରୁ ବାଇକ୍ ଚୋରି ଘଟଣା ଜଣାପଡିବା ପରେ ଓକିଲମାନେ ପୋଲିସର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠାଇଛନ୍ତି।

## ଡିସେମ୍ବର ୫ରେ ପଦ୍ମପୁର ଉପନିର୍ବାଚନ : ୧୦ ରେ ପ୍ରକାଶ ପାଇବ ବିଜ୍ଞପ୍ତି

ଭୁବନେଶ୍ୱର, ୫।୧୧(ପି.ଏନ): ଭାରତର ନିର୍ବାଚନ କମିସନ ଶନିବାର ଦିନ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ଗ୍ରହଣର ତାରିଖ ଘୋଷଣା କରିଛନ୍ତି। ଆଗାମୀ ଡିସେମ୍ବର ୫ ତାରିଖରେ ପଦ୍ମପୁର ଉପନିର୍ବାଚନ ଲାଗି ଭୋଟ୍ ହେବ।୧-ପଦମ୍ପୁର ବିଧାନସଭା ମଣ୍ଡଳୀର ଉପନିର୍ବାଚନ ତାରିଖ ଘୋଷଣା ହେବା ଦିନଠାରୁ ଅର୍ଥାତ୍ ଆଜିଠାରୁ ପଦମ୍ପୁର ନିର୍ବାଚନ ମଣ୍ଡଳୀ ସହ ସମଗ୍ର ବରଗଡ଼ ଜିଲ୍ଲାରେ ଆଦର୍ଶ ଆଚରଣବିଧି ଲାଗୁ କରାଯାଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ପଦ୍ମପୁରରେ ଡିସେମ୍ବର ୫ରେ ଉପନିର୍ବାଚନ ପାଇଁ ଭୋଟ୍ ଗ୍ରହଣ ହେବ। ଏଥିପାଇଁ ନଭେମ୍ବର ୧୦ରେ ବିଜ୍ଞପ୍ତି ପ୍ରକାଶ ପାଇବ, ନଭେମ୍ବର ୧୭ ସୁଦ୍ଧା ନାମାଙ୍କନପତ୍ର ଦାଖଲ, ନଭେମ୍ବର ୧୮ରେ ପ୍ରାର୍ଥିପତ୍ର ଯାଂଚ , ନଭେମ୍ବର ୨୧ ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ହେବ। ଡିସେମ୍ବର ୮ରେ ଭୋଟ୍ ଗଣତି ଓ ଡିସେମ୍ବର ୧୦ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ଶେଷ ହେବ।ସୂଚନାଯୋଗ୍ୟ, ପଦ୍ମପୁର ବିଧାୟକ ବିଜୟ ରଂଜନ ସିଂହ ବରିହାଙ୍କର ଗତ ମାସ ୩ତାରିଖରେ ପରଲୋକ ହେବା ପରେ ଓଡ଼ିଶା ବିଧାନସଭାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେବା ସଂକ୍ରାନ୍ତରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ବିଜ୍ଞପ୍ତି ଜାରି କରିଥିଲେ।

## ଦିଲ୍ଲୀର ୧୦୦% ସ୍କୁଲରେ ଇଣ୍ଟରନେଟ, ଓଡିଶାରେ ମାତ୍ର ୧୫%




ଭୁବନେଶ୍ୱର,୫।୧୧(ପ.ଏନ): କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ୨୦୨୧-୨୨ ରିପୋର୍ଟ ଖୋଲିଲା ଓଡିଶା ସରକାରଙ୍କ ଗୁମର। ଛାତ୍ରଛାତ୍ରୀଙ୍କ ନିମନ୍ତେ ଦିଲ୍ଲୀର ୧୦୦% ସ୍କୁଲରେ ଇଣ୍ଟରନେଟ ସୁବିଧା ରହିଥିବା ବେଳେ କେରଳ ଓ ଗୁଜରାଟରେ ୯୦%ରୁ ଅଧିକ ସ୍କୁଲରେ ଇଣ୍ଟରନେଟ ସୁବିଧା ରହିଛି। ଭାରତରେ ୩୪% ସ୍କୁଲରେ ଇଣ୍ଟରନେଟ ସୁବିଧା ରହିଛି। ହେଲେ ଓଡିଶାର ମାତ୍ର ୧୫% ସ୍କୁଲରେ ରହିଛି ଇଣ୍ଟରନେଟ ସୁବିଧା।ଉଦାହରଣ ରୂପେ ଭୁବନେଶ୍ୱର ନିକଟ ନନ୍ଦନକାନନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦେଖାଯାଇପାରେ। ଏଠାରେ ରହିଛି ପ୍ରଥମରୁ ଦଶମ ଶ୍ରେଣୀ। କେବଳ ନବମ ଦଶମରେ ପାଠ ପ?ଛନ୍ତି ୧୪୧ ପିଲା। ବିଜ୍ଞାନ ପାଇଁ ୨ ଜଣ ଓ କଳା ପାଇଁ ୨ଜଣ ଶିକ୍ଷକ ରହିବା ସ୍ଥଳେ ଦୁଇ ବର୍ଷ ହେଲା କେବଳ ଜଣେ ଶିକ୍ଷକରେ ଚାଲିଛି ପାଠପ?।। ବାଧହୋଇ ପ୍ରାଥମିକ, ଉଚ୍ଚପ୍ରାଥମିକ ସ୍କୁଲ ପାଇଁ ଥିବା ଶିକ୍ଷକମାନେ ଦୁଇଟି ଲେଖାଏଁ ପିରିୟଡ ନେଉଛନ୍ତି।ହାଇସ୍କୁଲ ପିଲାଙ୍କ ପାଇଁ ୫ଟି କାର୍ଯ୍ୟକ୍ରମ ଅଧୀନରେ ୪୫ ଲକ୍ଷ ଟଙ୍କା ବ୍ୟୟରେ ଏଠାରେ ୪ଟି ସ୍ମାର୍ଟ କ୍ଲାସ ରୁମ୍ ରୂପାନ୍ତରିକରଣ ହୋଇପାରିଛି। ହେଲେ ପିଲାଙ୍କୁ ସବୁ ସମୟରେ ଇଣ୍ଟରନେଟ ସୁବିଧା ମିଳୁନି। କାରଣ ଇନଭର୍ଟର ଚଳାଇବା ପାଇଁ ଆବଶ୍ୟକ ସହାୟତା ମିଳୁନି। ସ୍କୁଲ ନବୀକରଣ ହେବାରୁ ପିଲାଙ୍କ ଆସିବା ସଂଖ୍ୟା ବ?ିଗଲା ସିନା, ହେଲେ ଶ୍ରେଣୀ ଅଭାବରୁ ସ୍ମାର୍ଟ କ୍ଲାସରେ ତଳେ ବସୁଛନ୍ତି ପିଲା। ଏମିତିକି ସ୍ଥାନ ଅଭାବରୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ୮୨ ପିଲାଙ୍କୁ ଗୋଟିଏ ଶ୍ରେଣୀରେ ବସାଇ ପଢ଼ାଯାଉଛି। ହାଇସ୍କୁଲର ନବମ ଓ ଦଶମ ଶ୍ରେଣୀରେ ଦୁଇ ବର୍ଷ ହେଲା ୪ ଜାଗାରେ ଜଣେ ଶିକ୍ଷକ ଥିବାରୁ ପାଠ ପଢ଼ା ବ୍ୟାହତ ହେଉଛି ବୋଲି ଅଭିଯୋଗ କରିଛନ୍ତି ସ୍କୁଲ ପରିଚାଳନା କମିଟି ସଭାପତି ବିଶିକେଶ ନାୟକ। ତେବେ ଆଜି ଦୁଇ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସ୍କୁଲ ପଠାଯାଇଛି ବୋଲି କହିଛନ୍ତି ନନ୍ଦନକାନନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପାର୍ବତୀ ପଣ୍ଡା।ନିକଟରେ ଗୁରୁବାର ଦିନ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ ଫର ଏଜୁକେସନ୍ ପ୍ଲସ୍-ୟୁଡିଆଇଏସ୍‌ଇ+ ୨୦୨୧-୨୨ର ରିପୋର୍ଟ ପ୍ରକାଶ ପାଇଛି। ଓଡିଶାରେ ୬୨, ୨୯୧ ସରକାରୀ ଓ ବେସରକାରୀ ସ୍କୁଲ ରହିଥିବା ବେଳେ ଏଥିରୁ ୯୪୯୭ଟି ହାଇସ୍କୁଲ ରହିଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ୩୦ ଛାତ୍ରରେ ଜଣେ ଶିକ୍ଷକ ରହିବା କଥା। ସର୍ବଭାରତୀୟ ସ୍ତରରେ ଏହା ୧୮ ଥିବା ବେଳେ ଓଡିଶାରେ ଏହି ହାର ୨୩ ରହିଛି।ତେବେ ଭିତ୍ତିଭୂମି କ୍ଷେତ୍ରରେ ଢେର ପଛରେ ପଡିଛି ଓଡିଶା। ଦିଲ୍ଲୀର ୧୦୦% ସ୍କୁଲରେ ଇଣ୍ଟରନେଟ ସୁବିଧା ରହିଥିବା ବେଳେ କେରଳରେ ୯୫% ଓ ଗୁଜରାଟର ୯୨% ସ୍କୁଲରେ ଇଣ୍ଟରନେଟ ସୁବିଧା ରହିଛି। ଏବେ ସର୍ବଭାରତୀୟ ସ୍ତରରେ ୩୪% ସ୍କୁଲରେ ଇଣ୍ଟରନେଟ ସୁବିଧା ଥିବାବେଳେ ଓଡିଶାରେ ଏପର୍ଯ୍ୟନ୍ତ ମାତ୍ର ୧୫% ସ୍କୁଲରେ ଇଣ୍ଟରନେଟ ସୁବିଧା ପହଁଚିପାରିଥିବା ଦେଖାଯାଇଛି।

## ସ୍ୱାଭିମାନ ଅଂଚଳରେ ୪୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ସମର୍ଥକଙ୍କ ଆତ୍ମସମର୍ପଣ

ମାଲକାନଗିରି, ୫।୧୧(ପି.ଏନ): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ପାପରମେଟେଲା ପଂଚାୟତ ଲାଉଗୁଡ଼ାଠାରେ ୪୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ସମର୍ଥକ ଶନିବାର ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ।ଅଗଷ୍ଟ ୨୨ରେ ଗୁରୁପ୍ରିୟାଠାରେ ୧୮୦ ମିଲିସିଆ ଏବଂ ୫୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ସମର୍ଥକ ମୁଖ୍ୟ ସ୍ରୋତରେ ସାମିଲ ହୋଇଥିଲେ । ଶନିବାର ସ୍ୱତନ୍ତ୍ର ଜନସମ୍ପର୍କ କାର୍ଯ୍ୟକ୍ରମରେ ସ୍ୱାଭିମାନ ଅଂଚଳ ଧୂଳିପୁଟ ଓ ପାପରମେଟେଲା ପଂଚାୟତ ଅଂଚଳର ୪୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ସମର୍ଥକ ଦକ୍ଷିଣାଂଚଳ ଡିଆଇଜି ରାଜେଶ ପଣ୍ଡିତ, ମାଲକାନଗିରି ଏସ୍ପି ନୀତୀଶ ୱାଦୱାନି, ଚିତ୍ରକୋଣ୍ଡା ଏସ୍ଡିପିଓ ଆରସେଲ୍ କିସପୋଟା, ପୋଲିସ ଅଧିକାରୀ ଲକ୍ଷ୍ମୀ ନାରାୟଣ ମୁଦୁଲି, ଯୋଡ଼ାମ୍ବ ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡି ଏବଂ ପାପରମେଟେଲା ଥାନାଧିକାରୀ ରଜନୀକାନ୍ତ ଦୀପଙ୍କ ଉପସ୍ଥିତିରେ ଘରବାହୁଡ଼ା ନିମନ୍ତେ ମାଓବାଦୀଙ୍କ ହାତ ଛାଡ଼ି ସରକାର , ଓଡ଼ିଶା ପୋଲିସର ବିଶ୍ୱାସଭାଜନ ହୋଇ ହାତ ଧରାଧରି ହୋଇ ଶପଥପାଠ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିଲେ । ପରେ ମାଓବାଦୀଙ୍କ କୁଶପୁତ୍ତଳିକା ଦାହ କରି ମାଓବାଦୀ ଡ୍ରେସ ମଧ ପୋଡ଼ିଥିଲେ । ଏଥିସହ ଓଡ଼ିଶା ପୋଲିସ ପକ୍ଷରୁ ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସମସ୍ତଙ୍କୁ ନୂତନ ବସ୍ତ୍ର, ଖେଳ ସାମଗ୍ରୀ ଏବଂ ଉପକରଣ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିକାଶମୂଳକ କାମରେ ଆକୃଷ୍ଟ ହୋଇ ସାମାଜିକ ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସେମାନେ କହିଛନ୍ତି ।

## ଅବ୍ ତାବ୍ ଆଲାମ୍ ଖାନ୍ କଂଗ୍ରେସ ସଂଖ୍ୟାଲଘୁ ସେଲ ର ରାଜ୍ୟ ସମ୍ପାଦକ ନିଯୁକ୍ତ

ବଲାଙ୍ଗିର, ୫।୧୧(ପି.ଏନ): ବଲାଙ୍ଗିରର ଯୁବ ଆଇନଜୀବୀ ଅବତାବ୍ ଆଲମ୍ ଖାନ୍ ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ରାଜ୍ୟ ସମ୍ପାଦକ ରୂପେ ନିଯୁକ୍ତି ପାଇଛନ୍ତି। ତାଙ୍କ ନିଯୁକ୍ତି ଅଲ ଇଣ୍ଡିଆ କଂଗ୍ରେସ କମିଟି ସଂଖ୍ୟାଲଘୁ ଓଡିଶା ଦାୟିତ୍ୱରେ ଥିବା ଅବଦୁଲ କଲାମ ଖାନ୍ ଙ୍କ ଦ୍ୱାରା ଗତକାଲି (୪.୧୧.୨୦୨୨) ଓଡିଶା ଦାୟିତ୍ୱ ଦିଆଯାଇଥିବା ସମ୍ପାଦକ ମାନଙ୍କ ତାଲିକା ପ୍ରକାଶିତ ହୋଇଛି ।ଅବତାବଙ୍କ କ୍ରୀଡ଼ାରେ ରୁଚି ଥିଲା ବେଳେ ରାଜେନ୍ଦ୍ର କଲେଜ କ୍ରୀଡା ସଂସଦ ସମ୍ପାଦକ ଦାୟିତ୍ୱରେ ନିର୍ବାଚିତ ହୋଇ ନିପୁଣତା ସହ କାର୍ଯ୍ୟ ତୁଲାଇଥିଲେ। ସେ ବର୍ତମାନ ବଲାଙ୍ଗିର କଂଗ୍ରେସ କମିଟି ସଭ୍ୟ, ରାଜ୍ୟ ସଂଖ୍ୟା ଲଘୁ ସେଲ ର ସଦସ୍ୟ ଅଛନ୍ତି। ତାଙ୍କୁ ଦିଆଯାଇଥିବା ନୂତନ ଦାୟିତ୍ୱ ପାଇଁ ଦଳ ର ଉପରିସ୍ଥ କାର୍ଯ୍ୟକର୍ତାଙ୍କୁ କୃତଜ୍ଞତା ଜଣାଇବା ସହିତ ଦାୟିତ୍ୱ ନିର୍ବାହ ପାଇଁ ସବୁ ରକମର ପ୍ରୟାସ କରିବେ ବୋଲି କହିଛନ୍ତି।









## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୁତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୁତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି । ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଳୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଚ୍ଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିଆ, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମ ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଷ୍ଟ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡା ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼୍ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ମହତ ଦାନ


ଡଃ ସଂଗ୍ରାମ କେଶରୀ ସାମନ୍ତରାୟ

ମହେଶ ଏବଂ ତାଙ୍କ ପତ୍ନୀ ଅତ୍ୟନ୍ତ ଗରିବ । ତେଲ ଲୁଣ ସଂସାର ଚଳାଇବା ଅତ୍ୟନ୍ତ କଷ୍ଟସାଧ ଥିଲା । ଯେତେ ପରିଶ୍ରମ କଲେ ମଧ ଅଭାବ ମେଣ୍ଟୁ ନ ଥିଲା । ମହେଶର ସ୍ତ୍ରୀ ତାଙ୍କର ଭାଗ୍ୟକୁ ଦୋଷ ଦେଉଥିଲେ । ସମୟ ଗଡି ଚାଲିଲା । ଋଣ ବୋଝ ମଧ ବଢ଼ି ବଢ଼ି ଚାଲିଲା । ଦିନକୁ ଦିନ ସାହୁକାରର ତାଡନା ବଢ଼ିବାକୁ ଲାଗିଲା । ଦିନରାତି ମହେଶ ପରିଶ୍ରମ କରି ଉତ୍ପନ୍ନ କରିଥିବା ଖାଦ୍ୟ ଶସ୍ୟକୁ ପ୍ରତିଥର ସୁଧ ହିସାବରେ ସାହୁକାର ନେଇ ଯାଉଥିଲା । ମହେଶକୁ ନୂଆ କିଛି କାର୍ଯ୍ୟ କରିବାକୁ ପଡୁଥିଲା । ତାଙ୍କ ଧର୍ମ ପତ୍ନୀ ତାଙ୍କୁ ଜଙ୍ଗଲକୁ କାଠ କାଟିବାକୁ ପଠାଉଥିଲେ । ଦିନସାରା କାଠ କାଟି ସନ୍ଧ୍ୟାରେ ବଜାରରେ ବିକ୍ରୀକରି ଘରକୁ ଫେରୁଥିଲେ । ବଞ୍ଚିବା ତାଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇ ଯାଇଥିଲା ।ଦିନେ ମହେଶ କାଠ କାଟିବାକୁ ବହୁତ ଦୂରକୁ ଚାଲିଗଲା । ସେତେବେଳକୁ ମଧାହ୍ନ ସମୟ ବିତି ସାରିଥାଏ । କାଠ କାଟି ସାରି ବୋଝ କରି ନିଜ ଘରକୁ ବାହାରିଲେ । ବାଟରେ ତାଙ୍କୁ ବହୁତ୍ ଭୋକ ଲାଗିଲା । ସେ ଜଙ୍ଗଲରେ ଗୋଟିଏ ଛୋଟ କୁଟୀରର ସନ୍ଧାନ ପାଇଲେ ।

ମହେଶ କୁଟୀର ସାମ୍ନାରେ ଅନେକ ସମୟ ଅପେକ୍ଷା କଲେ । କିଛି ସମୟ ପରେ ଗୃହକାର୍ଯ୍ୟ ସାରି ଗୃହକର୍ତ୍ତା ବାହାରକୁ ଆସିଲେ । ସେ ଜଣେ ବୟସ୍କ ବ୍ରାହ୍ମଣ ବ୍ୟକ୍ତି । ସେ ବାହାରକୁ ଆସି ଭୋକିଲା ଗାଈ ଏବଂ କୁକୁରଙ୍କୁ ଖାଇବାକୁ ଦେବାକୁ ଲାଗିଲେ । ମହେଶ ବୁଝିଗଲା ସେ ଜଣେ ବଦାନ୍ୟ ବ୍ୟକ୍ତି । ସେ ଶୁଦ୍ଧପୂତ ଭାବନା ବହନ କରନ୍ତି । ମହେଶ ସାଥୀରେ ଆଣିଥିବା କଠକୁ କିଣିବାକୁ ନିବେଦନ କଲା। ମୂଲଚାଲ ହେବା ପରେ ମହେଶ ଦଶ ଟଙ୍କାରୁ କମ ହେଲେ କାଠ ଦେଇ ପାରିବ ନାହିଁ ବୋଲି କହିଲେ । ଶସ୍ତ୍ରିଜି ମାହେଶକୁ ପଞ୍ଚଟଙ୍କା ରୁ ଅଧିକ ଦେଇ ପାରିବେନାହିଁ ବୋଲି କହିଲେ । ଏହି ସମୟରେ ମହେଶ ଅତ୍ୟନ୍ତ ଭୋକିଲା ଥିବା କଥା ପ୍ରକାଶ କରିଥିଲା । ଶାସ୍ତ୍ରୀ ତାଙ୍କ ପାଇଁ ଘରେ ପରସା ଯାଇଥିବା ଖାଦ୍ୟ ଆଣି ମହେଶକୁ ପ୍ରଦାନ କରିଥିଲେ । ମହେଶ ଖାଦ୍ୟ ଖାଇସାରି ଶାସ୍ତ୍ରୀଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ ସମସ୍ତ କାଠ ମାତ୍ର ପାଞ୍ଚ ଟଙ୍କାରେ ପ୍ରଦାନ କରି ଘରକୁ ଫେରିଥିଲେ । ଘରେ ତାଙ୍କ ଧର୍ମପତ୍ନୀ ଆସିବା ପରେ ସେ ଦିନର ରୋଜଗାର ଦେବାକୁ କହିଲେ । ସେ ସାଙ୍ଗରେ ଆଣିଥିବା ପାଞ୍ଚ ଟଙ୍କା ପ୍ରଦାନ କରିଥିଲେ । ତାଙ୍କ ଧର୍ମପତ୍ନୀ ତାଙ୍କ ମୁଣ୍ଡ ଉପରେ ଥିବା ଋଣ ଶୁଝିବା ପାଇଁ ଆଉ ଏକ ଉପାୟ ପଞ୍ଚିଲେ । ମହେଶଙ୍କୁ କହିଲେ ଘଞ୍ଚ ଜଙ୍ଗଲକୁ ଗଲେ ସେଠାରେ ରକ୍ତ ଚନ୍ଦନ ମିଳିବ ।ବଡି ଭୋରୁ ଜଙ୍ଗଲକୁ ଗଲେ ଶୀଘ୍ର କାଠ କାଟି ସନ୍ଧ୍ୟା ପୂର୍ବରୁ ଘରକୁ ଫେରି ଆସି ପାରିବେ ।

ମହେଶ ତା ପରଦିନ ସମସ୍ତ ନିତ୍ୟକର୍ମ ସାରି ଜଙ୍ଗଲ ଅଭିମୁଖେ ବାହାରି ପଡିଲେ । ମହେଶ ଚାଲି ଚାଲି ଶେଷରେ ଘଞ୍ଚ ଜଙ୍ଗଲରେ ପହଂଚିଗଲେ । ମହେଶ ରକ୍ତ ଚନ୍ଦନ ଠାବ କଲେ । ମହେଶ କାଠ କାଟିବା ସମୟରେ ଗୋଟିଏ ବଡ଼ କାଠ ତଳେ ପଡ଼ିଗଲା । କେହିଜଣେ ଚିତ୍କାର କରି ରାଗରେ କିଛି କହୁଥିବାର ଶୁଣିବାକୁ ମିଳିଲା ।ତଳକୁ ଆସି ଜଣେ ତପସ୍ୟା ରତ ସାଧୁଙ୍କୁ ଦେଖିଲେ । ସାଧୁଙ୍କ ତପସ୍ୟା ଭଙ୍ଗ କରିଥିବାରୁ ସେ ତାଙ୍କୁ କୁକୁର ରେ ପରିଣତ ହେବାକୁ ଅଭିଶାପ ଦେଉଛନ୍ତି । ସେ ସାଧୁଙ୍କ ପାଦଧରି କ୍ଷମା ପ୍ରାର୍ଥନା କଲା । ସାଧୁ କହିଲେ ଅଭିଶାପ କୁ ଲେଉଟାଇ ହେବ ନାହିଁ । ଯେଉଁ ଦିନ ସେ ଦୁଇଜଣ ମହତ ଦାନ ପ୍ରଦତ୍ତ ବ୍ୟକ୍ତିଙ୍କ ପ୍ରାପ୍ତ ଖାଦ୍ୟ ଭକ୍ଷଣ କରିବେ ସେଇଦିନ ସାପମୁକ୍ତ ହୋଇ ପୁନର୍ବାର ମଣିଷ ହୋଇଯିବେ ।

ସାଧୁଙ୍କ ବାକ୍ୟ ସତ୍ୟ ହେଲା । ସେ କୁକୁର ହୋଇଗଲେ । ସବୁଆଡେ ଗୈଡ଼ିବାକୁ ଲାଗିଲେ। ଯେଉଁ ବ୍ୟକ୍ତି ତାଙ୍କୁ ଖାଦ୍ୟ ଦେଇଥାନ୍ତି ସେ ଖାଇ ଦିଅନ୍ତି। ଆଶା ରଖିଥାନ୍ତି କାଳେ ତାଙ୍କ ଦାନ ମହତ ହୋଇଥିବ। ସେ ନିଜ ରୂପ ଫେରି ପାଇବେ । ଅନେକ ଲୋକଙ୍କ ଦାନ ଅଇଁଠା ଖାଇ ମଧ ତାଙ୍କୁ କିଛି ସୁଫଳ ମିଳିଲା ନାହିଁ । ହଠାତ୍ ସେ ଯାଇ ଶାସ୍ତ୍ରୀ ଙ୍କ ଘର ପାଖରେ ପହଂଚିଗଲେ । ସେ କିଛି ଖାଦ୍ୟ ପକ୍ଷୀ ମାନଙ୍କୁ ଦେଉଥିଲେ । ଘରୁ ତାଙ୍କ ସ୍ତ୍ରୀ ବଡପାଟିରେ କହୁଥିଲେ ସବୁ ଖାଦ୍ୟ ପଶୁ ପକ୍ଷୀଙ୍କୁ ଦେଇଦେଲେ ତୁମେ ଖାଇବ କଣ । ଶାସ୍ତ୍ରୀ ଧନୀ ଲୋକ ନ ଥିଲେ । ତାଙ୍କ ଦୈନିକ ପରିଶ୍ରମ ଫଳରେ ଉପାର୍ଜନ କରିଥିବା ଖାଦ୍ୟକୁ ସେ ଦାନ କରି ଅନେକ ସମୟରେ ଉପବାସ ରହୁଥିଲେ । ତାଙ୍କର ସାଂସାରିକ ଆସକ୍ତି ନ ଥିଲା କିମ୍ବା ଲୋଭ ମଧ ନ ଥିଲା। କୁକୁରଟି ଭୋକିଲା ଥିବାରୁ ଶାସ୍ତ୍ରୀଙ୍କ ଘର ସାମ୍ନାରେ ଚିତ୍କାର କରୁଥିଲା । ଶାସ୍ତ୍ରୀ ତାହା ବୁଝିପାରିଥିଲେ । ଶାସ୍ତ୍ରୀ ତାଙ୍କ ମଧାହ୍ନ ଭୋଜନ ପାଇଁ ଥିବା କିଛି ଖାଦ୍ୟ ଆଣି କୁକୁରକୁ ଦେଲେ । କୁକୁର ତାହାକୁ ଖାଇସାରି ଦେଖିଲା ତାର ଶରୀରର ଅଧା ଅଂଶ ଧଳା ହୋଇ ଯାଇଛି । କୁକୁରଟି ସାଧୁଙ୍କ କଥାକୁ ଅନୁଭବ କଲା ଦୁଇ ଜଣଙ୍କ ହାତରୁ ମହତ ଦାନ ଖାଇଲେ ଶରୀର ରୂପାନ୍ତରିତ ହୋଇ ମନୁଷ୍ୟ ରୂପ ପ୍ରାପ୍ତି ହେବ । ସେ ଖୁସିରେ ଗୈଡ଼ିବାକୁ ଲାଗିଲା କାଳେ ଆଉ ଜଣଙ୍କର ମହତ ଦାନ ମିଳିଯିବ ।

ଗୋଟିଏ ବଜାରରେ ଶୁଣିଲା ପାଖ ପଡୋଶୀ ରାଜା ଭୋକିଲା ଙ୍କୁ ଖାଦ୍ୟ ବସ୍ତ୍ର ନିଃସ୍ୱାର୍ଥପର ଭାବେ ପ୍ରଦାନ କରୁଛନ୍ତି । ମହେଶ ମଧ ଅଧା ଧଳା କୁକୁର ବେଶରେ ସେହି ଜାଗାକୁ ଚାଲିଲା । ଅନେକ ସମୟ ଅପେକ୍ଷା କଲା । ରାଜାଙ୍କ ଦାନ ନେଇ ସମସ୍ତେ ରାଜାଙ୍କୁ ଆଶୀର୍ବାଦ କରି ଚାଲି ଯାଉଥିଲେ । ମହେଶ ଆଶା ରଖିଥିଲେ ରାଜାଙ୍କ ଦାନ ଖାଦ୍ୟ ଖାଇଲେ ପୁନର୍ବାର ମଣିଷ ରୂପ ପ୍ରାପ୍ତ ହେବ। ରାଜା ମଧ ଦାନ ସୂତ୍ରରେ ସେ କୁକୁରକୁ ଗୋଟିଏ ପାତ୍ରରେ ଖାଇବା ଦେଲେ । ସେ ସମସ୍ତ ଖାଦ୍ୟ ଖାଇସାରି ଅପେକ୍ଷା କଲା ତାର ଶରୀରର କିଛି ପରିବର୍ତ୍ତନ ହେବ। ସେମିତି କିଛି ଘଟିଲା ନାହିଁ । ପୁନଶ୍ଚ ସେ ଜଙ୍ଗଲକୁ ଚାଲିଲା । ବାଟରେ ଦେଖିଲା ଜଣେ ବୃଦ୍ଧା ଚାଲିବାକୁ ବଳ ନାହିଁ ପାଣି ଭାର ଭୋଇ ନେଉଛି । କିଛି ବାଟ ଗଲା ପରେ ବିଶ୍ରାମ ନେଉଛି । ତାଙ୍କ ପାଖକୁ ଯେଉଁ ପଶୁ ଜନ୍ତୁ ଆସୁଛନ୍ତି ସେ ସାଙ୍ଗରେ ଆଣିଥିବା କିଛି ଖାଦ୍ୟ ପ୍ରଦାନ କରୁଛନ୍ତି । କୁକୁର ଅନୁଭବ କଲା ଏତେ ବୟସରେ ସେ କର୍ମ କରି ପେଟ ପୋଷୁଛନ୍ତି । ନିଜ ଭାଗର ଖାଦ୍ୟ ମଧ ପଶୁ ପକ୍ଷୀଙ୍କୁ ଦେଇ ନିଜେ ଆନନ୍ଦ ଅନୁଭବ କରୁଛନ୍ତି । କୁକୁରଟି ସେହି ବୃଦ୍ଧ ବ୍ୟକ୍ତିଙ୍କ ପାଦତଳେ ଶୋଇ ପଡ଼ିଲା । ନିଜ ଲାଞ୍ଜ ହଲାଇବାକୁ ଲାଗିଲା ।ବୃଦ୍ଧ ଜଣଙ୍କ ବୁଝିଗଲେ କୁକୁରଟି ଭୋକିଲା ଅଛି । ସେ ତାଙ୍କ ପାଖରେ ଶେଷରେ ବାକିଥିବା ଖାଦ୍ୟକୁ କୁକୁରକୁ ପ୍ରଦାନ କଲେ । କୁକୁର ପତ୍ର ଚାଟି ସମସ୍ତ ଖାଦ୍ୟ ଖାଇସାରି ଅନୁଭବ କଲା ତାର ଶରୀର ରୂପାନ୍ତରିତ ହୋଇ ପୁନର୍ବାର ମଣିଷରେ ପରିଣତ ହୋଇଯାଇଛି ।

ମହେଶ ବର୍ତ୍ତମାନ ସାପମୁକ୍ତ ହୋଇ ସାଧୁଙ୍କୁ ଭେଟିବାକୁ ଚାଲିଗଲା । ସାଧୁ ଜଣଙ୍କ ମହେଶକୁ ଦେଖି ଆଶୀର୍ବାଦ କଲେ । ପଚାରିଲେ ଏତେଦିନ କାହିଁକି ଲାଗିଲା ମଣିଷ ରୂପ ନେବାକୁ । ମହତ ଦାନ ମିଳିବାରେ କାହିଁକି ବିଳମ୍ବ ହେଲା । ମହେଶ ଦାନ ଦେଇଥିବା ରାଜାଙ୍କ କଥା କହି ସାଧୁଙ୍କୁ ପ୍ରଶ୍ନ କରିଥିଲେ । ରାଜା କଣ ମହତ ଦାନୀ ନୁହନ୍ତି ? ସାଧୁ ଜଣଙ୍କ କହିଲେ ରାଜା ଯାହା ଦାନ କଲେ ତାହା କର ସୂତ୍ରରେ ପ୍ରଜା ମାନଙ୍କ ଠାରୁ ପାଇଛନ୍ତି । ତାହା ପିଇବାକୁ ତାଙ୍କୁ ପରିଶ୍ରମ କରିବାକୁ ପଡ଼ି ନାହିଁ । ନିଜ ସ୍ୱାର୍ଥ ପାଇଁ ଏବଂ ନିଜର ବଡିମା ଦେଖାଇବା ପାଇଁ ତାହା ସେ ଦାନ କରିଛନ୍ତି । ତାହା କେବେବି ମହତ ଦାନ ହୋଇ ପାରିବ ନାହିଁ । ଶାସ୍ତ୍ରୀ ଏବଂ ଜଙ୍ଗଲରେ ଚାଲୁଥିବା ବୃଦ୍ଧ ଯେଉଁ ଦାନ କରିଥିଲେ ତାହା ମହତ ଦାନ । ତାଙ୍କର ଭୋକ ମେଣ୍ଟାଇବା ପାଇଁ ଉଦ୍ଧିଷ୍ଟ ଖାଦ୍ୟକୁ ସେ ଦାନ କରୁଥିଲେ । ମହେଶ ସବୁ ଶୁଣି ଘରକୁ ଫେରିଲେ । ସାଧୁ ତାଙ୍କୁ ଆସିବା ସମୟରେ ଆଶୀର୍ବାଦ କରିଥିଲେ ତୁମର ଆଉ ଆର୍ଥିକ ଅନଟନ ରହିବ ନାହିଁ । ସେ ତାଙ୍କ ପରିବାର ସହିତ ସୁଖରେ କାଳତିପାତ କଲେ ।

*ଓଏଫ୍‌ଏସ (ବରିଷ୍ଠ )*
*ମୋ - ୭୮୪୬୯୩୬୧୬୨*

# ଯେସାକୁ ତେସା


ସୁଷମା ପରିଜା

ଦିନେ ଜଣେ ବୃଦ୍ଧା ବ୍ୟାଙ୍କ୍ ରେ ପହଞ୍ଚି ଏକ ହଜାର ଟଙ୍କାର ଉଠାଣ ପାଇଁ ଚେକ୍ ଖଣ୍ଡିଏ କ୍ୟାସ୍ କାଉଣ୍ଟର୍ ରେ ବସିଥିବା ଯୁବତୀ କର୍ମଚାରୀଙ୍କୁ ବଢାଇଦେଲେ। ଯୁବତୀ ଜଣକ ଅବଜ୍ଞା ସୂଚକ ଦୃଷ୍ଟି ରେ ବୃଦ୍ଧା ଙ୍କୁ ଚାହିଁ କହିଲେ...

- " ଦାଦୀ ଜୀ ! ଏତେ କ୍ଷୁଦ୍ର ଉଠାଣଟି ପାଇଁ ଆପଣ ବାହାରେ ଥିବା ଇଞ୍ଜଗ ର ଉପଯୋଗ କରିପାରି ଥାଆନ୍ତେ କିନ୍ତୁ ବୃଥାରେ ଚେକ୍ ଖଣ୍ଡିଏ ଆଉ ମୋର ମୂଲ୍ୟବାନ ସମୟ କୁ ନଷ୍ଟ କରିବାକୁ ଏଠିକି ଚାଲି ଆସିଲେ କାହିଁକି ?

- ଏକ ହଜାର ଟଙ୍କା କ୍ୟାସ୍ ଦେବାରେ ତୁମର ଅସୁବିଧା କ'ଣ ? ବିନମ୍ରତାର ସହିତ କହିଲେ ବୃଦ୍ଧା।

- କିଛି ନାହିଁ ଯେ ଏବେ କିନ୍ତୁ କ୍ୟାସ୍ ଦେଇ ହେବନି । ଆପଣ ଇଞ୍ଜଗ କୁ ଯାଆନ୍ତୁ ନଚେତ୍ ଚେକ୍ ର ଉଠାଣ ଟଙ୍କା ବଢାନ୍ତୁ । ହଜାରେ ଟଙ୍କା ପାଇଁ ଏତେ ଝିନ୍ ଝଟ୍ କିଏ କରିବ ?

- ଠିକ୍ ଅଛି ,ତେବେ ମୋ' ଆକାଉଣ୍ଟ୍ ରେ ଯାହା ବି ଜମା ରହିଛି , ବ୍ୟାଙ୍କ୍ ର ସର୍ବନିମ୍ନ ଜରୁରୀ ଟଙ୍କା ବାଦ୍ ଦେଇ ସବୁ ତକ ଉଠାଇ ଦିଅନ୍ତୁ । ବୃଦ୍ଧ ଜଣକ ସେଇଠି ପଡିଥିବା ବେଞ୍ଚ ଉପରେ ବସି ଆଉ ଗୋଟିଏ ଚେକ୍ ଲେଖି କ୍ୟାସିୟର ଙ୍କୁ ବଢାଇଦେଲେ। ଚେକ୍ ରେ ଲେଖାଥିବା ଟଙ୍କା କୁ ଚାହିଁ ଆଚମ୍ଭିତ ହେଲେ କ୍ୟାସିୟର୍ ଯୁବତୀ ! ଅଶୀ ଲକ୍ଷ ଟଙ୍କା !!! ତରବର ହୋଇ ସାମନାରେ ଥିବା କମ୍ପୁଟରରେ ବୃଦ୍ଧାଙ୍କର ଆକାଉଣ୍ଟ୍ ନମ୍ବର ମିଳାଇ ଦେଖିଲେ ସେ। ଆକାଉଣ୍ଟ୍ ରେ ଜମା ଥିଲା ଅଶି ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା। ତାଙ୍କର ଚକ୍ଷୁ ଦୁଇଟା ବିସ୍ଫାରିତ ହୋଇଗଲା ବିସ୍ମୟ ରେ। ସେ ହଡବଡେଇ ଯାଇ କହିଲେ...

- " ସରି, ମାଡାମ୍, ଏତେ ଗୁଡିଏ ଟଙ୍କା ଏବେ ତ ବ୍ୟାଙ୍କ୍ ରେ ନାହିଁ, ଆପଣ ଆଗୁଆ ସୂଚନା ଦେଲେ ଆମେ ଦୁଇଦିନ ମଧରେ ବନ୍ଦୋବସ୍ତ କରିଦେବୁ"।

- ତେବେ ଆଜି ତୁମେ କେତେ ଟଙ୍କା ଦେଇ ପାରିବ ମୋତେ ?

- ଦଶ ଲକ୍ଷ ଯାଏଁ ଦେଇ ପାରିବୁ ମାଡାମ୍ !

- "ଠିକ୍ ଅଛି" କହି ଦଶ ଲକ୍ଷ ଟଙ୍କାର ଚେକ୍ ଟିଏ ଲେଖି ବସିଲେ ବୃଦ୍ଧା ଜଣକ।

- କ୍ୟାସିୟର୍ ଯୁବତୀ ଜଣକ ବୃଦ୍ଧାଙ୍କର ଚେକ୍ ନେଇ କମ୍ପୁଟରରେ ଯଥାରୀତି ପୋଷ୍ଟିଂ କରି, ମ୍ୟାନେଜର୍ ଙ୍କ ପାଖରୁ ପାଶ୍ କରାଇ ଆଣିବା ପରେ ନିଜେ ଝାଳନାଳ ହୋଇ ଦଶ ଲକ୍ଷ ଟଙ୍କା କୁ ନୋଟ୍ କାଉଣ୍ଟିଂ ମେସିନ୍ ରେ ପୁରାଇ ଗଣାଗଣି କରି ସାରି ଥାକ ମାରି ରଖିଲେ ଏବଂ ସମ୍ଭ୍ରମତାର ସହ ବୃଦ୍ଧା ଙ୍କୁ ପଚାରିଲେ " ମାଡାମ୍ ! ଗାଡିରେ ଡ୍ରାଇଭର୍ ଥିବେ ତାଙ୍କୁ ବ୍ୟାଗ୍ କିମ୍ବା ଆଟାଚିଟିଏ ଆଣିବାକୁ କୁହନ୍ତୁ । ଏତେ ଗୁଡିଏ ଟଙ୍କା ଏକା କେମିତି ନେବେ ? ହଁ, କାଉଣ୍ଟର୍ ଛାଡିବା ପୂର୍ବରୁ ଟଙ୍କା ତକ ଭଲଭାବରେ ଗଣିନିଅନ୍ତୁ। ପରେ ଆଉ ଅଭିଯୋଗ କଲେ ଶୁଣାଯିବନି।

- "ନା' ନା' ସେସବୁ ର ଦରକାର ପଡିବ ନାହିଁ " କହି ବୃଦ୍ଧା ଜଣକ ସେହି ଟଙ୍କା ବିଡା ମଧ୍ୟରୁ ପାଞ୍ଚଶହ ଟଙ୍କାର ବଣ୍ଡଲ୍ ଟିଏ ଉଠାଇ ନେଇ ସେଥିରୁ ମାତ୍ର ଦୁଇଖଣ୍ଡ ପାଞ୍ଚ ଶହ ଟଙ୍କିଆ ନୋଟ୍ କାଢିନେଇ ନିଜ ବ୍ୟାଗ୍ ରେ ରଖିଦେଲେ ଏବଂ ବାକିତକ ଟଙ୍କା କାଉଣ୍ଟର୍ ଭିତରେ ରଖି ନଅ ଲକ୍ଷ ଅନେଶୋତ ହଜାର ଟଙ୍କା ଲେଖାଥିବା ଡିପୋଜିଟ୍ ସ୍ଲିପ୍ ଟିଏ ବଢାଇଦେଲେ ଯୁବତୀଙ୍କ ହାତ କୁ। କହିଲେ" ଦୟାକରି ଏତିକି ଟଙ୍କା ମୋ' ଆକାଉଣ୍ଟ୍ ରେ ଜମା କରି ମୋତେ ରସିଦ୍ ଟି ଦିଅନ୍ତୁ । ହଁ, ଭଲ ଭାବରେ ଗଣି ନେବେ ଏ ଟଙ୍କାକୁ । କାଉଣ୍ଟର୍ ଛାଡି ଯିବା ପରେ ଆଉ କିଛି ଅସୁବିଧା ହେଲେ ମୋତେ କହିବେନି"।

ହକ୍କା ବକ୍କା ହୋଇ କ୍ୟାସିୟର୍ ଯୁବତୀ ଜଣକ ଚାହିଁ ରହିଥିଲେ ବୃଦ୍ଧା ଙ୍କୁ। ତାଙ୍କର ମୁହଁ ରୁ ବାକ୍ୟ ସ୍ଫୁରୁନଥିଲା। ସ୍ମିତ ହସି ବୃଦ୍ଧା ଜଣକ " ଅଶେଷ ଧନ୍ୟବାଦ " କହି ଆଗେଇ ଯାଉଥିଲେ ପ୍ରସ୍ଥାନ ଦ୍ୱାର ଆଡକୁ। ସତେ ଅବା ସେ ଯୁବତୀ ଙ୍କ ଗାଲରେ ଶକ୍ତ ଚାପୁଡା ଟିଏ ଦେଇ ଶିଖାଇ ଦେଇ ଯାଉଥିଲେ " ବୟସ୍କ ମାନଙ୍କୁ ଦୁର୍ବଳ କିମ୍ବା ହେୟ ମନେ କରନାହିଁ, ଉପଯୁକ୍ତ ସମ୍ମାନ ଦିଅ " ।

*ନୂଆବଜାର, କଟକ*
*ମୋ-୯୩୩୭୨୭୨୬୪୭*

## ସନ୍ଧ୍ୟା ହୋଇଗଲେ

*ସୁନୀଲ କୁମାର ପ୍ରଧାନ*



ସନ୍ଧ୍ୟା ହୋଇଗଲେ
ପକ୍ଷୀଯେ ଫେରଇ
ନିଜର ବସାକୁ ପୁଣି
ଗାଈଗୋଠ ଧରି ଗୋପଲ ବାଳକ
ଲେଉଟଇ ସତେ ପୁଣି ।
ସନ୍ଧ୍ୟା ହୋଇଗଲେ
ନୀଳ ଆକାଶରେ
ଆସଇ ଉଜ୍ଜଳ ତାରା
ଜହ୍ନ ମାମୁଁ ସତେ ମୁରୁକି ହସଇ
ଉଜ୍ଜଳ କରଇ ଧରା ।
ସନ୍ଧ୍ୟା ହୋଇଗଲେ
ଚଉଁରା ମୂଳରେ
ମାଆ ଦେଉଥାଏ ଦୀପ
ମନ୍ଦିରେ ପୂଜାରୀ ନନା ପୁଣି ସତେ
ଠାକୁରଙ୍କୁ ଦିଏ ଦୂପ ।
ସନ୍ଧ୍ୟା ହୋଇଗଲେ
ଖଦ୍ୟୋତ ବୁଲଇ
ଘୋରକାର ଅନ୍ଧାରରେ
ଉଜ୍ଜଳ କରଇ ଖଦ୍ୟୋତ କୀଟ ଯେ
ବୁଲଇ ଆକାଶ ସାରା ।
ସନ୍ଧ୍ୟା ହୋଇଗଲେ
କୃଷକ ଫେରଇ
ନିଜର ବସାକୁ ପୁଣି
ରୋଜଗାର ପାଇଁ ଯାଇଥିବା ବ୍ୟକ୍ତି
ଲେଉଟଇ ବେଳ ଜାଣି ।

*ଝାଟିପଦର,ପାଲୁର,ଗଞ୍ଜାମ*
*ମୋ - ୭୬୦୯୯୩୪୩୬୬*

## ପାଲା କାହାର କୁହ

*ଡୁଇଟ ଡେଭିଡ ଫିଲିପ୍*



ଶିଶୁ ମନ,
ରାତି ସାରା ମାଁ ଖାଏ ବାପଠୁ ମାଡ଼
ଦେଖି ପାରେନି ଖୋଲି କବାଟ
ଆଜି ଦାଦନ, ବିଧବା ମାଁ, ସ୍ତ୍ରୀ,
ଝିଅ ଅତ୍ୟାଚାର,
ଜାଇ ପାରୁନି ନିଜ ଦେଶ,
ସ୍ତ୍ରୀକୁ ମାଲିକ,
କାମ ଦେଇ କରୁଛି ବ୍ୟବହାର,
ଦବଙ୍ଗ ଥିଲାଯେ,
ଆଜି ଆଇନ ମନ୍ତ୍ରୀ ପ୍ରଦେଶର,
କୁକୁର ସହିତ ମଣିଷ ଛୁଆର,
ଏକା ରୋଟିକୁ ନଜର,
ପୂଜାରୀ, ପାଷ୍ଟର, ମୌଲବୀ,
କଳା ବାଜରିକୁ ପ୍ରଣାମ,
ସହି ପାରିଲେ ଜୟ, ଯୀଶୁ, ପିତର,
ଯୋହନ, ପାଉଲ,
ପାଲା କାହାର କୁହ ?
ଘର, ରୋଟି, ଆଇନ, ଧର୍ମ ମୋର।

*ଚାଇବସା, ଝାଡ଼ଖଣ୍ଡ*

## କବି କୁଳଙ୍କୁ ପଦେ

*ଉମାଶଙ୍କର ପ୍ରସାଦ*



ଆଜି ଏ ଦୁର୍ଦ୍ଦିନେ ଉଠରେ କବି
ରୁହନା ଶୋଇ ସପନ କୋଳେ
ଜାଗୃତି ବହ୍ନି ଜଳାଇ ଦିଅ ଏ ଦେଶ
ତରୁଣ ତରୁଣୀ ହୃଦୟ ତଳେ
କବି ମାୟାଧର,କବି ଗୋପବନ୍ଧୁ ପ୍ରତିଭା
ରହିଛି ତୁମ ଲେଖନୀର ଅନ୍ତରାଳେ
ତୁମ ଲେଖନୀର ବଜ୍ର ବାଣୀରେ
ସୁପ୍ତ ଚେତନା ମୁକ୍ତି ତୋଳେ
ତିନୋଟି ଲେଖନୀ ଟାଳିଥିଲା ଦିନେ
ଷୋଡଷ ଲୁଇଙ୍କ ବର୍ବରତା
ବଦଳାଇ ଦେଲେ ସମାଜର ଧାରା
ଫରାସୀ ମାଟିର ହରାଇ ସତା
ଆଜି ଅଶାନ୍ତିର ସାଗର ବକ୍ଷେ
ତୁମେହିଁ ବାହିବ ଶାନ୍ତିତରୀ
ଆଜି ସମାଜର ମରୁ ପ୍ରାନ୍ତରେ
ତୁମେ ନୀଳ ନଦୀ ମୁକ୍ତି ବାରି
ଉଠ ଉଠ କବି ଆଉ ଲେଖକ
ଆଲୋକିତ କର ଅୟୁତ ପ୍ରାଣ
ସାରଥୀ ହୋଇବ ଶାନ୍ତି ପୋତର
ବର୍ବରେ ଦେବ ନିର୍ବାସନ

*ଖୋର୍ଦ୍ଧା*
*ମୋ - ୮୮୯୫୫ ୪୭୪୯୦*

## ହୃଦୟର ମୂର୍ଚ୍ଛନା

*ସୁଧାକର ରାଉତ*



ତୁମ ଆବେଗ ସବୁକୁ
ଏକାଠି କରିତୁମ ଭଲପାଇବା ଓ
ପ୍ରତାରଣାକୁ ଫେଣ୍ଟି ଫାଣ୍ଟି
ତୁମ ପ୍ରଦତ୍ତ ଅନ୍ଧକାରରେ
ଟିକିଏ ଆଲୁଅର ବାସ୍ନା ଖୋଜି
ମୋର ଅପେକ୍ଷା ଆଉ ତୁମ
ଆକ୍ଷେପକୁ ହଜମ କରି
ତୁମ ସ୍ମୃତିର ଜହ୍ନ ରାତିରେ
ନିଜକୁ ହଜାଇ
ହୃଦୟର ମୂର୍ଚ୍ଛନାରେ ରାଗିଣୀ ତୋଳି
ମୃତ ଶବ୍ଦ ମାନଙ୍କୁ
ଜୀବନ ଦେଲି କବିତା ରୂପେ ।
ମୋ ଝୁରା ମନର ପ୍ରତିବିମ୍ବ
ତୁମ ଅଧରରେ ଶୋଭାପାଏ
କବିତା ପାଠରେ ।
ମୁଁ ଦୂରଦର୍ଶୀ ହୋଇ
ସମ୍ପର୍କର ଭଙ୍ଗା ପାଚେରୀକୁ ଯୋଡି
ପୁଣି ଅପରିଚିତ ଲାଗୁଥିବା
ତୁମ କାନ୍ଦୁରା ମୁହଁକୁ
କଳ୍ପନାରେ ଭିଡିଆଣି
ଆଖିର ଲୁହରେ
ଧୋଇ ଦିଏ
ନିଜର ଅନିଚ୍ଛା ସତ୍ତ୍ୱେ
ଖାଲି ନିଜର
କବିତାକୁ ଦ୍ୱାହି ଦେଇ,
ଫିଙ୍ଗିଥିବା ନିଆଁ ଝୁଲରେ
ଜଳିବା ପାଇଁ ନୁହେଁ ।

*ପ୍ରତାପ ନଗରୀ,କଟକ*
*ମୋ ୮୨୪୯୯୩୨୭୯୨*

## ତୁମେ ଥିଲେ ମା

*ପ୍ରିୟଦର୍ଶିନୀ ପଣ୍ଡା*



ତୁମେ ଥିଲେ
ଚିରକାଳ ଆକାଶ ରେ
ବର୍ଣ୍ଣିତ ଇନ୍ଦ୍ରଧନୁ,
ତୁମେ ଥିଲେ
ନୂତନ ଆନନ୍ଦ ରେ ପରିପୂର୍ଣ୍ଣ ତନୁ।
ତୁମେ ଥିଲେ
ମେଘ ଭରା ଆକାଶ ରେ
ଉଇଁ ଆସେ ଜହ୍ନ
ତୁମେ ଥିଲେ
ମୃତ ସମ ହୃଦୟ ରେ
ଜୀବନ୍ତ ହୁଏ ମନ।
ତୁମେ ଥିଲେ
ନିରବତା ରୁ ଶୁଭେ ସହସ୍ର ନାଦ
ତୁମେ ଥିଲେ
ଅମାନିଆ ଆଖିରେ ଆସି ଯାଏ ନିଦ।
ତୁମେ ଥିଲେ
ସକାଳ ନିଦୁଆ ନିଦୁଆ
ତୁମେ ଥିଲେ
ସବୁଦିନ ଲାଗେ ମେଘୁଆ ମେଘୁଆ।
ତୁମେ ଥିଲେ
କେବେ ଲାଗେନା ଏକା ଏକା
ତୁମେ ନଥିଲେ
ସବୁ ରଙ୍ଗ ଲାଗେ ଫିକା ଫିକା।
ତୁମେ ଥିଲେ
ଜୀବନରେ ସବୁକିଛି ନୂଆ
ତୁମେ ଆଉ କେହି ନୁହେଁ
ତୁମେ ମୋ ମା।

*ନୀଳଗିରି, ବାଲେଶ୍ୱର*

## ମା

*କମଳ ଲୋଚନ ପଣ୍ଡା*



ମା, ଯିଏ ମୋତେ ଲେଖିଛି...
ମୁଁ ତାଙ୍କ ବିଷୟରେ କଣ ବା ଲେଖିବି ?
ବାସ୍ ଏତିକି ଜାଣିଛି....
ଦୁନିଆରେ ସବୁଠାରୁ ବଡ଼ ଅଟେ ମା
କେଉଁ ? ସୁମଧୁର ଆହା ଲାଗେ ତାର ନାଁ
ଅତୁଳନୀୟ ଶବ୍ଦର ସୁମଧୁର ନାଁ ମା
ଶବ୍ଦକୁ ସିନା ଦୁନିଆ ଜାଣିନିଏ,
ନିଶବ୍ଦତାକୁ କେବଳ ମା ହିଁ
ଜାଣିପାରିଥାଏ ।
ହସ ହସ ମୁଖରେ,
ତୁମ ଆନନ୍ଦର ବାଣୀ
ଗଢ଼ିଛ ତୁମେ ଜୀବନକୁ ମୋର,
ଅତି ସଂଯତ ଓ ଶୃଙ୍ଖଳିତ କରି ।
ତୁମ ସରଳ ସମ୍ଭାଷଣ ନିଏ ସଭିଙ୍କ ମନ ଜିଣି
ରୁହ ସଦା ଖୁସି ଓ ସୁସ୍ଥ
କରେ ମୁଁ ସଦା ସେ କାଳିଆ ପାଖରେ ମାଗୁଣି ।
ଯେଉଁ କଲମର ମୁନ
ସବୁକିଛି ବର୍ଣ୍ଣନା କରିପାରେ,
ତୁମକୁ ବର୍ଣ୍ଣନା କଲାବେଳେ ମା
ଏହା ରହିଯାଏ କାହିଁକି ?
ନା କହିବାକୁ କିଛି ଶବ୍ଦ ଅଛି
ନା ଲେଖିବାକୁ କଲମରେ କାଳି !

*ନୀଳଗିରି, ବାଲେଶ୍ୱର*
*ଦୂରଭାଷ- ୭୩୨୭୦୨୮୯୭୮*

## ଏମିତି ଏ କାର୍ତ୍ତିକ

*ନିରଞ୍ଜନ ସାହୁ*



ହେମନ୍ତ ଋତୁର ପ୍ରଥମ ପର୍ଯ୍ୟାୟେ
କାର୍ତ୍ତିକ ଆସଇ ଧରା
ପ୍ରକୃତିର ଶୋଭା ଅତୀବ ସୁନ୍ଦର
ଲାଗୁଥାଏ ମନୋହରା ।
ଆକାଶରୁ ରାତ୍ରେ ଝରି ପଡୁଥାଏ
କାକର ଯେ ଟୋପାଟୋପା
ବାଡ଼ି ବଗିଚାରେ ନୂଆ ନୂଆ କରି
ଗେଣ୍ଡୁ ଫୁଟେ ଥୋପାଥୋପା
ଉତ୍ତରୁ ବହଇ ହେମାଳ ପବନ
କରିଦିଏ ଦେହ ଥରା ।
ପବିତ୍ର ପବିତ୍ର ଲାଗଇ କାର୍ତ୍ତିକ
ଉଚ୍ଛୁଳି ଉଠଇ ଭକ୍ତି
ଆମିଷ ଭକ୍ଷଣ ହୁଅଇ ବାରଣ
ଭକ୍ତି ଭରେ ମନେ ଶକ୍ତି
କାର୍ତ୍ତିକର ସୋମବାରେ ଶିବାଳୟେ
ଭକତଙ୍କ ଭିଡ ଭରା ।
ଦିନ ଧୀରେଧୀରେ ସାନ ହୋଇ ଆସେ
ରାତି ବଡ଼ ହୋଇଯାଏ
ସୁନ୍ଦର ଦିଶଇ ପକ୍ୱଶାଳି କ୍ଷେତ
ଚାଷୀ ମନେ ଖୁସି ଥାଏ
ହାତୀ,ବାରହା , ଶଶା , ହରିଣ ଗଡନ୍ତି
ଫସଲ ଖାଇବେ ଭରା ।
ଦୀପାବଳି, ଗରଭଣା ସଙ୍କରାନ୍ତି
ଭାତୃ ଦ୍ୱିତୀୟା , ପଞ୍ଚକ
ନାଗ ଚତୁର୍ଥୀ ଓ ରାହାସ ଉତ୍ସବ
ନ ଥାଏ ଟିକେ ଚଞ୍ଚକ
ପଞ୍ଚକେ ଉଠଇ ଆକାଶଦୀପ ଯେ
ମୁରୁଜେ ହସେ ଚଉଁରା ।
କାଶ , ସର୍ଦ୍ଦି , ଜ୍ୱର ଆକ୍ରାନ୍ତେ ଶରୀର
ମୁଣ୍ଡବିନ୍ଧା ଲାଗି ରହେ
ଶୀତବସ୍ତ୍ର ନିଜ ମୁହଁକୁ ଦେଖାଇ
ଶୀତ ଆସୁଅଛି କହେ
ଧରମ ମାସର ପୂର୍ଣ୍ଣିମା ତିଥିରେ
ଡଙ୍ଗା ଭସା ପରମ୍ପରା ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ -୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ଦୃଶ୍ୟ ଦୃଶ୍ୟାନ୍ତରେ

*ସୁଦର୍ଶନ ମହାପାତ୍ର*



ଗୁଟଖା ଦୋକାନ ଅବା, ଚା' ଖଟିରେ
ରାସ୍ତା କଡ ଅବା ଅନ୍ଧାର ଗଳିରେ
ଚକର କାଟନ୍ତି ଅନେକ ନାଗରଙ୍କ !
କିଏ ପଚାରିବ ଯାଙ୍କୁ
ଭୋକିଲା ପେଟରେ
ନହ ନହକା ପାଦରେ
ମା' ତାଙ୍କ ଧାନକୁଟି ଯାଇଛି କି ନାହିଁ
ଚାରି ପାଇଟି କରି
ପୁଅ ନାଗରକୁ ପୋଷୁଛି କି ପାଇଁ.. ?
ହେଲେ ପଚାରନି ଜମା
ଏମିତିକା ପ୍ରଶ୍ନ
ଜାଣିନ କି... ?
ଏମିତି ପ୍ରଶ୍ନ ପଚାରିବାକୁ
କାହାକୁ ଅଧିକାର ଦେଇନି
ଆମ ସମ୍ବିଧାନ !
ପଚାରିଲେ
ବେଡି ଉପରେ କୋରଡା ସଦୃଶ
ଘଟି ଯାଇପାରେ କିଛି ଅନର୍ଥ
ତୁମ ପ୍ରଶ୍ନରେ ଯେ
ନାଗରିକ (ନାଗର)ପଣିଆ
ବେଦମ ବ୍ୟଥିତ....!!!!

*କୁଞ୍ଜବିହାରୀ ଲେନ, କଟକ*

## ଗୋଲାପ ଓ କଣ୍ଟା

*ଲୋକନାଥ ମହାପାତ୍ର*

ଫୁଲର ଇଚ୍ଛା ତ ସଭିଏଁ କରନ୍ତି,
କଣ୍ଟାକୁ ଦେଖିଣ ଡରନ୍ତି
କଣ୍ଟା ବିହୀନ ଗୋଲାପ ଫୁଲକୁ
କିଏବା ଫୁଟିବା ଦେଖିଛି ?
କଣ୍ଟକିତ ପଥେ ଚାଲିଣ ଯେ ଜନ
ଗୋଲାପ ସମାନ ହସନ୍ତି
ତାଙ୍କରି ଜୀବନ ହୁଏ କୁସୁମିତ
ଲକ୍ଷ୍ୟରେ ସଫଳ ହୁଅନ୍ତି ଓ
କଣ୍ଟାକୁ ଖାତିର ନ କରି ଯେ ଜନ
ଜୀବନେ ଆଗକୁ ବଢ଼ନ୍ତି
ଜୀବନ ଯାତ୍ରାରେ ଅଗ୍ରସର ହୋଇ
ଜଗତରେ ଯଶ ଲଭନ୍ତି ଓ

*ବ୍ରହ୍ମପୁର*

## ଚିନ୍ତା ଚେତନା

*ଆଦ୍ୟାଶା ମହାପାତ୍ର*



ଚିନ୍ତା ଓ ଚେତନା ମନ ତଟିନୀର
ଅବସକ୍ତ ଦୁଇ ତୀର
ନିୟତି ତରଙ୍ଗ ଧିରେ ଅବା କ୍ଷିପ୍ରେ
ଛୁଉଁଥାଏ ନିରନ୍ତର

ଚିନ୍ତାରୁ ଆରମ୍ଭ ଭାବନାର ସ୍ରୋତ
ଚେତନାରେ ହୁଏ ଶେଷ
ଉଦ୍ଦେଶ୍ୟ ନିହିତ ଚିନ୍ତନରେ ଦୃଶ୍ୟ
ଚିରନ୍ତନୀ ଅଭିଳାଷ

ମନ୍ଦ ଚିନ୍ତାଧାରା ବେଳାଭୂମି ଲଂଘିଇ
ସୃଷ୍ଟି କରେ ବିଭୀଷିକା
ବନ୍ୟା ପ୍ରାୟ ବହି ଭସାଏ ବିବେକ
ଜାତ କରେ ଅହମିକା

ଚିନ୍ତାଧାରା ଯେବେ ବହେ ଅନୁକୂଳେ
ବ୍ୟକ୍ତିତ୍ୱ ହୁଏ ପ୍ରକାଶ
ପ୍ରତିକୂଳ ମୁଖୀ ବହିଲେ ନିରତେ
ମନକୁ କରେ ବିବଶ

ଚିତ୍ତ ଗହନରୁ ଧୋଇ ଦିଏ ଯେତେ
ଅଜ୍ଞାନତା ଅନ୍ଧକାର
ହୃଦ ସ୍ପନ୍ଦନରେ କଲ୍‌ଲୋଳିତ ହୁଏ
ପୂଣ୍ୟ ପ୍ରଣବ ଓଁକାର

ଚେତନା ଜୁଆର ସ୍ଫୀତ ହୃଦୟରେ
ଭରେ ସ୍ନେହ ଅନୁରାଗ
ଦୁଶ୍ଚିନ୍ତାରୁ ପୁଣି ମିଳିଯାଏ ମୁକ୍ତି
ଶୁଭେ ଚିନ୍ମୟ ବେହାଗ

*ନୂଆପଡା, କଟକ*

## ସମ୍ଭାବନାର ସୂର୍ଯ୍ୟୋଦୟ

*ରତ୍ନକାନ୍ତି ମିଶ୍ର*



ଶୂନ୍ୟତା ରୁ ପୂର୍ଣ୍ଣତା
ଅଭାବ ରୁ ଭାବ
ଆଶକ୍ତି ରୁ ଅନାଶକ୍ତି
ଅତୃପ୍ତି ରୁ ତୃପ୍ତି
ବନ୍ଧନ ଭିତରୁ ମୁକ୍ତି
ଆଉ ପ୍ରତାରଣା ରୁ ପ୍ରେମ
ଖୋଜି ଖୋଜି ବିତି ଯାଏ
ଦିନ ପରେ ଦିନ

ନଇଁ ଯାଏ ବୟସର ସନ୍ଧ୍ୟା
କ୍ଷୀଣ ହୁଏ ଆଶା ବୈତରଣୀର ଧାର
ଜୀବନ ପାନ୍ଥଶାଳାର କାନ୍ଥରେ
ଅଙ୍ଗାରରେ ଲେଖା
ଅବାସ୍ତବ ଚିତ୍ରକଳ୍ପ ପରି ମନେହୁଏ
ଅବଶୋଷ ର ମୃଗତୃଷ୍ଣା
ପହଞ୍ଚାଇ ଦିଏ ସାତ ତାଳ ପଙ୍କରେ
ସମୟ ଭଉଁରୀରେ ବୁଡି ଯାଏ
ଯେତେ ସବୁ ଆକାଂକ୍ଷିତ ଖୁସି
ରଙ୍ଗହୀନ ହୁଏ ସ୍ୱପ୍ନର ଶୃଙ୍ଗାର

ତଥାପି ସପ୍ତରଥୀ ମେଳେ
ହାରିନାହିଁ ଏକାକୀ ଅଭିମନ୍ୟୁ
ବଞ୍ଚିବାର ସ୍ୱପ୍ନ ?ହନ ବୁଣିଦିଏ
ନୈରାଶ୍ୟରୁ ଆଶାର କିରଣ
ପୁଣି ଆଗାମୀ ସକାଳରୁ
ତେଜିୟାନ ହେବ ଅନୁସନ୍ଧିତ୍ସା
ହଟିଯିବ କାଳିମାର ଅନ୍ଧକାର
ଧୈର୍ଯ୍ୟର କଠିନତାରୁ ଭାସିଆସିବ
ବଞ୍ଚିବାର ଆବାହନୀ ମନ୍ତ୍ର
ନୈରାଶ୍ୟର ଦିଗବଳୟରୁ
ଭାସି ଆସିବ ସମ୍ଭାବନାର ସୂର୍ଯ୍ୟୋଦୟ

*ଆଳି, କେନ୍ଦ୍ରାପଡା*




# ସହର ଉପକଣ୍ଠବାସୀଙ୍କୁ ମୌଳିକ ସୁବିଧା

ସହରାଞ୍ଚଳରେ ଲୋକଙ୍କୁ ଯେପରି ସମସ୍ତ ମୌଳିକ ସୁବିଧା ସୁଯୋଗ ମିଳୁଛି, ସହର ଉପକଣ୍ଠରେ ବସବାସ କରୁଥିବା ଲୋକଙ୍କୁ ବି ସେହିପରି ମୌଳିକ ସେବା ଓ ଗମନାଗମନ ସହ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଯୋଗାଇ ଦିଆଯିବ। ଏଥିପାଇଁ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ନିକଟରେ ସରକାରୀ ଭାବେ ନିଷ୍ପତ୍ତି ନିଆଯାଇଛି। ଏହାପରେ ରାଜ୍ୟର ପ୍ରମୁଖ ସହରର ଉପକଣ୍ଠ ଅଞ୍ଚଳରେ ସୁଗମ ଯୋଗାଯୋଗ ଉପରେ ଗୁରୁତ୍ୱ ଆରୋପ କରି ମୁଖ୍ୟ ସଚିବ କହିଥିଲେ ଯେ ବଡ଼ ବଡ଼ ସହରଗୁଡ଼ିକରେ ବିଭିନ୍ନ ପ୍ରକାର ନିଯୁକ୍ତି ଓ ଜୀବିକା ସୁଯୋଗ ସୃଷ୍ଟି ହୋଇଥାଏ। ବିଭିନ୍ନ ଆର୍ଥିକ ବର୍ଗର ଲୋକମାନେ ଏହାର ସୁଯୋଗ ନେଇଥାଆନ୍ତି। ଯେଉଁମାନେ କି ମୁଖ୍ୟତଃ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରିଥାନ୍ତି। ଏହାଛଡ଼ା ନିଜର ବୃତ୍ତି, ଶିକ୍ଷା, ଚିକିତ୍ସା, ଜମିଜମା ଖର୍ଦ୍ଦି ବିକ୍ରି, ନ୍ୟାୟାଳୟ କାର୍ଯ୍ୟ, ଉତ୍ପାଦ ଦ୍ରବ୍ୟ ବିକ୍ରିବଟା ଓ ବାଣିଜ୍ୟ ଆଦି କାର୍ଯ୍ୟ ପାଇଁ ଅନେକ ଦୈନିକ ସହରକୁ ଯିବା ଆସିବା କରିଥାନ୍ତି। ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଉତ୍ତମ ରାସ୍ତା ତିଆରି ହେଲେ ସହରକୁ ଯାତାୟାତ ସୁଗମ ହେବ। ଟ୍ରାଫିକ ଭିଡ଼ ଓ ଦୁର୍ଘଟଣା ଆଦି କମିବ। ତା'ଛଡ଼ା ସହର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ନାଗରିକ ସେବାକେନ୍ଦ୍ର ଆଦି ବିକଶିତ ହେଲେ ଲୋକମାନଙ୍କ ଜୀବନଧାରଣ ମାନର ଉନ୍ନତି ହେବ। ସହର ଉପରେ ମଧ୍ୟ ଆବାସିକ ଚାପ କମିବ। ତେଣୁ ବିଭିନ୍ନ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ପାଞ୍ଚବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବାକୁ ମୁଖ୍ୟ ସଚିବ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସହର ଉପକଣ୍ଠବାସୀଙ୍କ ସାମଗ୍ରୀକ ସୁବିଧା ସୁଯୋଗ ଓ ଦ୍ୱୈତନଗରୀ କଟକ-ଭୁବନେଶ୍ୱରର ଉନ୍ନତିକଳ୍ପେ ସରକାର ଅନେକ ଯୋଜନା ହାତକୁ ନେଉଥିଲେ ବି ତାହା ବାଟବଣା ବା ବାଟମାରଣା ବି ହେଉଛି। ଭାତହାଣ୍ଡିରୁ ଗୋଟିଏ ପରି ଜାଗା ମିଶନ କଥା ଦେଖନ୍ତୁ। ଗରିବ ଭୂମିହୀନ ଲୋକ ଓ ବସ୍ତିବାସିନ୍ଦା ତଥା ଅସହାୟମାନଙ୍କୁ ଥଇଥାନ ପାଇଁ ସରକାରୀ ଜମିରେ ଜାଗା ମିଶନର ପ୍ରକଳ୍ପ କରାଯାଇଛି; କିନ୍ତୁ ବଡ଼ ଦୁର୍ଭାଗ୍ୟର ବିଷୟ ନିକଟରେ ଜାତୀୟ ମାନବିକ ଅଧିକାର ଆୟୋଗ ଓ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ନିକଟରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ଅନୁଯାୟୀ କଟକ ଆଠଗଡ଼ ତହସିଲ ଅନ୍ତର୍ଗତ ଧବଳେଶ୍ୱରଗଡ଼ାରେ ସରକାରୀ ଜମିକୁ ବର୍ଷ ବର୍ଷ ଧରି କିଛି ସ୍ଥାନୀୟ ଜମି ମାଫିଆ ଶାଗ ମାଛ ଦରରେ ବିକ୍ରି କରିଦେଉଛନ୍ତି। ରାତାରାତି ସେଠି ନୂଆ ନୂଆ ଘର ଗଢ଼ି ଉଠୁଛି। ଦୁର୍ଭାଗ୍ୟର ବିଷୟ ସ୍ଥାନୀୟ ମ୍ୟୁନିସିପାଲଟି ଏ ସବୁ ଜାଣି ମଧ୍ୟ ସେମାନଙ୍କୁ ରାସ୍ତା, ପାନୀୟ ଜଳ, ବିଜୁଳି, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଆଦି ଖୋଲୁଛନ୍ତି। ସେଠାରେ ଅସାମାଜିକମାନେ କେବଳ ଜାଗା ବିକ୍ରି କରୁନାହାଁନ୍ତି ଏକ ଗୋଷ୍ଠୀ ତିଆରି କରି ସ୍ଥାନୀୟ ପ୍ରଶାସନ, ଥାନା ଓ ନେତାମାନଙ୍କୁ କରାୟତ୍ତ କରି ବାହାର ଅପରାଧୀମାନଙ୍କୁ କିଛି ଅର୍ଥ ବିନିମୟରେ ନିରାପଦ ରହଣିର ସୁଯୋଗ ସୃଷ୍ଟି କରୁଛନ୍ତି। ଯାହାର ପରିଣତି ସ୍ୱରୂପ ପାର୍ଶ୍ୱବର୍ତ୍ତୀ ଇଲାକାରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ଜଟିଳ ହେଉଛି। ସିବିଆଇ ପାଖରେ ଉପସ୍ଥାପିତ ହୋଇଥିବା ଅଭିଯୋଗ ମୁତାବକ ସ୍ଥାନୀୟ ରାଜନେତା, ପ୍ରଶାସନ ଓ ତହସିଲର ଝିଅ ଜ୍ୱାଇଁ ଭାବେ ପରିଚିତ ନୟନା ନାୟକ, ମମତା ନାୟକ, ଚଞ୍ଚଳା ବାରିକ, ରଞ୍ଜୁ ନାୟକ, ବାସନ୍ତୀ ନାୟକ, ଧୁସା ନାୟକ, ବାପି ନାୟକ, କାମ୍ପ ନାୟକ, ଧନେଶ୍ୱର ମହାନ୍ତି, ମଳୟ ଭଦ୍ର, ଅରକ୍ଷିତ ମଲ୍ଲିକ ପ୍ରମୁଖ ଏହି ଜମି ମାଫିଆ। ଶାଗମାଛ ଦରରେ ସେମାନେ ଦିନ ଦିପ୍ରହରରେ ପ୍ରଶାସନ ଆଖିରେ କଣ୍ଢା ଗେଞ୍ଜି ବର୍ଷ ବର୍ଷ ଧରି ଜମି ବିକ୍ରି କରୁଛନ୍ତି। ସରକାର କିନ୍ତୁ ଏ ଦିଗକୁ ଗୁରୁତର ସହ ନେବା ପାଇଁ ଅନୁସନ୍ଧାନ ଆରମ୍ଭ କରିଛନ୍ତି ବୋଲି ନିକଟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ଆସନ୍ତୁ ସହର ଉପକଣ୍ଠବାସୀଙ୍କ ସୁବିଧା ସୁଯୋଗ ଆଲୋଚନାର ଶେଷବିନ୍ଦୁରେ ପହଞ୍ଚିବା। ସହରକୁ ବିଭିନ୍ନ ଦିଗକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚିହ୍ନିତ ରାସ୍ତାଗୁଡ଼ିକ ମଧ୍ୟରେ ଆନ୍ତଃ ସଂଯୋଗୀକରଣ ମାଧ୍ୟମରେ ଏକ ରୋଡ୍ ନେଟୱାର୍କ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ପାନୀୟ ଜଳ ଓ ନର୍ଦ୍ଦମା ପାଇପ, ବିଭିନ୍ନପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତିକରଣ ନିମନ୍ତେ ଚିହ୍ନିତ ରାସ୍ତା ଓ ଛକସ୍ଥାନଗୁଡ଼ିକରୁ ବିଦ୍ୟୁତ ଓ ଟେଲିଫୋନ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ନେଇ ବୈଠକରେ ସବିଶେଷ ଆଲୋଚନା ହୋଇଛି। ଏ କ୍ଷେତ୍ରରେ ରହିଥିବା ସମସ୍ୟାର ତୁରନ୍ତ ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଛି। ଏହାସହ ସହରରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପ୍ରଶସ୍ତିକରଣ ନିମନ୍ତେ କ୍ଷେତ୍ରସ୍ତରୀୟ ସମସ୍ୟାର ସମାଧାନ ପନ୍ଥା ବାହାର କରାଯାଇଛି। ସରକାର କେବଳ ସସହର ଉପକଣ୍ଠବାସୀ ନୁହଁନ୍ତି ଗରିବ ଭୂମିହୀନମାନଙ୍କ ପାଇଁ ଯେଉଁ ଯୋଜନା କରୁଛନ୍ତି ତାହା ଫଳବତୀ ହେଉ, ସରକାରୀ ଜମିକୁ ଜବରଦଖଲ କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ଯାହାଦ୍ୱାରା ସରକାରଙ୍କ ପ୍ରଶଂସନୀୟ ଉଦ୍ୟମର ସୁଫଳ ସମସ୍ତଙ୍କୁ ମିଳିବ।

**-ବେଣୁଧର ଦାସ,** ମାନବାଧିକାର କର୍ମୀ, ସେକ୍ଟର-୧୨, ସିଡିଏ, କଟକ

## ସିଲିଂ ପ୍ଲାଷ୍ଟର ଖସିବା ପରେ ମରାମତି କରାଗଲା



କେନ୍ଦୁଝର (ପିଏନ୍): ଘଟଗାଁ ବ୍ଲକ ଢେଙ୍କିକୋଟ ସତ୍ୟନାରାୟଣ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର କମନ ରୁମରେ ସିଲିଂ ପ୍ଲାଷ୍ଟର ଖସିବା ପରେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ନିରାପଦ ଭାବେ ଶିକ୍ଷକ/ଶିକ୍ଷୟିତ୍ରୀମାନେ ଉକ୍ତ ରୁମରେ ବସିପାରିବେ। ୫-ଟି ଅନ୍ତର୍ଗତ ଏହି ବିଦ୍ୟାଳୟର ଉନ୍ନତିକରଣ ଗତ ୪ ମାସ ତଳେ କରାଯାଇଥିଲା। ୫୧ ବର୍ଷ ପୁରାତନ ଏହି ଉଚ୍ଚ ବିଦ୍ୟାଳୟର ବହୁ ପୁରୁଣା ଶ୍ରେଣୀଗୃହ ଏବଂ ବୈଠକ କକ୍ଷ ମରାମତି କରାଯାଇ ରଙ୍ଗ ଦିଆଯାଇଥିଲା। ତେବେ ମରାମତି ପରେ ଶିକ୍ଷକ/ଶିକ୍ଷୟିତ୍ରୀ ବସିବା ପାଇଁ ଉଦ୍ଦିଷ୍ଟ କମନ ରୁମର ସିଲିଂ ପ୍ଲାଷ୍ଟର ଖସିପଡିବା ପରେ ଶିକ୍ଷକମାନେ ଭୟଭୀତ ହୋଇପଡିଥିଲେ। ଘଟଣା ପରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ପରିଷଦ ଦାୟିତ୍ୱରେ ଥିବା ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ, ଘଟଗାଁ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଦିପାଶ୍ରୀ ସିଂ, କନିଷ୍ଠ ଯନ୍ତ୍ରୀ ଇଂ ଭୋଳାନାଥ ମହାନ୍ତିଙ୍କ ପ୍ରତ୍ୟକ୍ଷ ତଦାରଖରେ କମନ ରୁମର ମରାମତି କାମ କରାଯାଇ ବ୍ୟବହାର ଉପଯୋଗୀ କରାଯାଇଥିଲା। କମନ ରୁମର ପୁରୁଣା ସିଲିଂ ପ୍ଲାଷ୍ଟର ଛଡାଯାଇ ଉକ୍ତ ସ୍ଥାନରେ ପୁଟି ମରାଯାଇ ରଙ୍ଗ ଦିଆଯାଇଛି। ବାରମ୍ବାର ଛାତ ସିଲିଂ ପ୍ଲାଷ୍ଟର ବିଭିନ୍ନ ବିଦ୍ୟାଳୟରେ ଖସୁଥିବାରୁ ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷୟିତ୍ରୀ ଭୟଭୀତ ହୋଇପଡିଛନ୍ତି। ୫-ଟି ଯୋଜନାରେ ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଏଣିକି ସ୍ୱତନ୍ତ୍ର ଗାଇଡ ଲାଇନ ପ୍ରସ୍ତୁତ କରାଯାଇ କାମ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ଇଂ ସୁଧାଂଶୁଶେଖର ସାହୁ କହିଛନ୍ତି। ଯେଉଁସବୁ ବିଦ୍ୟାଳୟରେ କାମ ସରିଛି ତାହାର ମଧ୍ୟ ତଦାରଖ ପାଇଁ କୁହାଯାଇଛି।

# ହାସ୍ୟ-ବ୍ୟଙ୍ଗ ସାହିତ୍ୟର ମହାନ୍ ସାଧକ



ଓଡ଼ିଆ ହାସ୍ୟ-ବ୍ୟଙ୍ଗ ସାହିତ୍ୟ ଆକାଶର ଚନ୍ଦ୍ରମା ମାଧବ ଚନ୍ଦ୍ର ଶତପଥୀଙ୍କର ୨୦୧୭ ମସିହା ଫେବୃଆରୀ ୨୫ ତାରିଖରେ ବିୟୋଗ ହୋଇଯାଇଛି। ସୂର୍ଯ୍ୟପରି ସେ ପ୍ରଚଣ୍ଡ ନଥିଲେ, ସେ ଚନ୍ଦ୍ରପରି ଥିଲେ ଶାନ୍ତ ସ୍ନିଗ୍ଧ କୋମଳ। ତାଙ୍କର ବ୍ୟଙ୍ଗ କାହାକୁ ଆଘାତ ଦେଉ ନଥିଲା ଶୀତଳ ଜ୍ୟୋତ୍ସ୍ନା ପରି ଦେହ ମନକୁ ଛୁଇଁ ଯାଉଥିଲା। ପଢ଼ିଲା ମାତ୍ରେ ଓଠରେ ହସ ଫୁଟି ଉଠୁଥିଲା। ସାମ୍ପ୍ରତିକ ରାଜନୀତି, ରାଜନୈତିକ ନେତା, ରାଜନୈତିକ ଦଳ ପ୍ରତି ତାଙ୍କର ବ୍ୟଙ୍ଗ ବେଶ୍ ହୃଦୟଗ୍ରାହୀ। ବିଦ୍ୟୁତ୍ ଆଘାତ ପରି ତାହା ସମସ୍ତଙ୍କ ମର୍ମସ୍ଥଳକୁ ଭେଦିଯାଏ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପରେ ଫତୁରାନନ୍ଦ, ମାଧବଚନ୍ଦ୍ର ଶତପଥୀ, କୁଳମଣି ମହାପାତ୍ର ପ୍ରମୁଖ ବ୍ୟଙ୍ଗକାରମାନେ ଓଡ଼ିଆ ସାହିତ୍ୟକୁ ବହୁ ଭାବରେ ବର୍ଣ୍ଣାଢ୍ୟ କରିଛନ୍ତି। ସ୍ରଷ୍ଟାଙ୍କର ନିୟମ ବଡ଼ ବିଚିତ୍ର ଫତୁରାନନ୍ଦ ଥିଲେ ଜଣେ ଏଲ୍.ଏମ୍.ପି ଡାକ୍ତର, ମାଧବ ଚନ୍ଦ୍ର ଶତପଥୀ ଥିଲେ ଗଣିତ ବିଭାଗର ଅଧ୍ୟାପକ। ଗଣିତର ଜଟିଳ ଧାରା ଭିତରୁ ବାହାରି ଆସି ସେ ସୃଷ୍ଟି କରୁଥିଲେ ହାସ୍ୟବ୍ୟଙ୍ଗ। ତାଙ୍କର ପରୀକ୍ଷା ନିରୀକ୍ଷା ସମାଜର ସବୁ କ୍ଷେତ୍ରରେ ଥିଲା। ୧୯୬୪ ମସିହାରେ ତାଙ୍କର ପ୍ରଥମ ପୁସ୍ତକ 'ନିଶ ଓ ପରିବାର ନିୟନ୍ତ୍ରଣ' ପ୍ରକାଶ ପାଇଥିଲା। ତାହା ପାଠକମାନଙ୍କ ପାଖରେ ଏତେ ଜନପ୍ରିୟ ହେଲା ଯେ ତା'ପରଠାରୁ ତାଙ୍କର ଲେଖନୀ ଆଉ ବନ୍ଦ ହୋଇନାହିଁ। ୧୯୭୯ ମସିହାରୁ ୨୦୧୬ ପର୍ଯ୍ୟନ୍ତ ତାଙ୍କର ପୁସ୍ତକ ପ୍ରକାଶନ ଅବ୍ୟାହତ ରହିଥିଲା। ହାସ୍ୟବ୍ୟଙ୍ଗ-ଗଳ୍ପ ପୁସ୍ତକ ଗୁଡ଼ିକ ହେଲା ନାମରୁ ରାଶି ନକ୍ଷତ୍ର, ପ୍ରହାରେଣ ଧନଞ୍ଜୟ, କଂକାଡୋଲୀ ଉପାଖ୍ୟାନ, ପିତୃପରାମର୍ଶ କେନ୍ଦ୍ର, ବେସରକାରୀ ମରଣ, ପାପୀ ଚିହ୍ନଟ, ଚତୁର୍ନୟନ ବାବା, ମଡର୍ଣ୍ଣ ବେତାଳ ପଞ୍ଚ ବିଂଶତି, ମାଧବ ଶତପଥୀଙ୍କ ଶ୍ରେଷ୍ଠ ଗଳ୍ପ, ଦୁଷ୍ପ୍ରାପ୍ୟ ହୃଦୟ, ଛାଡ଼ପତ୍ରରୁ ପତ୍ରଛାଡ଼, କପି ତୁ କାହୁଁ ଅଇଲୁ, ତୈଳ ମର୍ଦ୍ଦନ, ଅର୍ବାଚୀନ ଇସ୍ତାହାର, ଚେଙ୍ଗିଜ୍ ଖାଁ ଠାରୁ ଚିଙ୍ଗୁଡ଼ି ପର୍ଯ୍ୟନ୍ତ। ଚାପ ଚରିତ, ସୁନ୍ଦରୀ ହେବାର ନିଶା, ତୋ ଜୀବନ ପଛେ ନର୍କେ ପଡ଼ିଥାଉ, ପ୍ରଭୁ ମୋ ବିବେକ ନେଇଯାଅ, କହିବାକୁ ଲାଜ, ଜରା ଯାତନା ପ୍ରଭୃତି ୨୫ ଖଣ୍ଡ ଗଳ୍ପ ପୁସ୍ତକ, ତିନୋଟି କବିତା ପୁସ୍ତକ। ପ୍ରତ୍ୟେକଟି ଗଳ୍ପ ଓ କବିତା ହାସ୍ୟବ୍ୟଙ୍ଗରେ ପରିପୂର୍ଣ୍ଣ। ତାଙ୍କ ଗଳ୍ପ ଯିଏ ଥରେ ପଢ଼ିଛି ସିଏ ନିଶ୍ଚୟ ଖୋଜି ଖୋଜି ତାଙ୍କ ଲେଖା ପଢ଼ିବ। ବ୍ୟଙ୍ଗ ସାହିତ୍ୟ ଛଡ଼ା, ଅନେକଗୁଡ଼ିଏ ଉପାଦେୟ ପାଠ୍ୟପୁସ୍ତକ ରଚନା କରି ସମସ୍ତଙ୍କର ଶ୍ରଦ୍ଧା ଭାଜନ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ତାଙ୍କ ରଚିତ ପୁସ୍ତକ-ପିଲାଙ୍କୁ ଗଢ଼ିବେ କିପରି ? ନିଜ ପିଲାର ମୂଳଦୁଆ ନିଜେ ଗଢ଼ନ୍ତୁ, ଛୋଟ ପିଲାଙ୍କୁ ପଢ଼ାଇବେ କିପରି, ଜନସଂଖ୍ୟା ଓ ବିକାଶ ଶିକ୍ଷା, ପ୍ରତ୍ୟେକ ଛାତ୍ରଛାତ୍ରୀ ଅଭିଭାବକଙ୍କ ଗାଇଡ଼ ଲାଇନ ହୋଇଛି।

ମାଧବ ଚନ୍ଦ୍ର ଶତପଥୀ ୧୯୨୮ ମସିହା ମାର୍ଚ୍ଚ ୨୧ ତାରିଖରେ ଅବିଭକ୍ତ କଟକ ଜିଲ୍ଲାର ବଡ଼ଚଣା ଥାନା ଅନ୍ତର୍ଗତ କାଦୁଅ ମାଗୁରା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ସ୍ୱର୍ଗତଃ ଦୀନବନ୍ଧୁ ଶତପଥୀ, ମାତା ସ୍ୱର୍ଗତା ସାରମଣି ଦେବୀ। ଗାଁ ସ୍କୁଲରୁ ପ୍ରାଇମେରୀ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜରୁ ସ୍ନାତକ ଓ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ। ପ୍ରଥମେ ସେ ସମ୍ବଲପୁର ସରକାରୀ ଟ୍ରେନିଂ କଲେଜର ଅଧ୍ୟାପକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ଗଙ୍ଗାଧର ମେହେର କଲେଜ, ରାଧାନାଥ ଟ୍ରେନିଂ କଲେଜ, କଟକ, ସରକାରୀ ଟ୍ରେନିଂ କଲେଜ ଅନୁଗୁଳ, ରେଭେନ୍ସା କଲେଜରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟକରି ବଲାଙ୍ଗୀରଠାରେ ଥିବା ସରକାରୀ ଟ୍ରେନିଂ କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ତା'ପରେ ଅନ୍ୟାନ୍ୟ ଦୁଇଟି କଲେଜର ଅଧ୍ୟକ୍ଷ ଦାୟିତ୍ୱ ସୁଚାରୁ ରୂପେ ପରିଚାଳନା କରି ଶିକ୍ଷା ବିଭାଗରୁ ଅବସର ଗ୍ରହଣ କରିଥିଲେ। କଲେଜରେ ଅଧ୍ୟାପନା କରିବା ସମୟରେ ଯେପରି ଲେଖୁଥିଲେ ଅବସର ପରେ ମଧ୍ୟ ସେହିପରି ଲେଖିଚାଲିଲେ। ତାଙ୍କର ସାହିତ୍ୟକୃତି ପାଇଁ ଓଡ଼ିଶାର ବିଭିନ୍ନ ଅନୁଷ୍ଠାନ ତାଙ୍କୁ ପୁରସ୍କୃତ କରିଛନ୍ତି। ସରସ ସାହିତ୍ୟ ସମିତି ପକ୍ଷରୁ ତାଙ୍କୁ 'ରସରାଜ' ଉପାଧିରେ ଭୂଷିତ କରାଯାଇଥିଲା। ହାସ୍ୟବ୍ୟଙ୍ଗର ସର୍ବୋଚ୍ଚ ପୁରସ୍କାର 'କାନ୍ତକବି ପୁରସ୍କାର' ହାସ୍ୟ ବିକାଶ କେନ୍ଦ୍ର ପକ୍ଷରୁ ୧୯୯୭ ମସିହାରେ ପ୍ରଦାନ କରାଯାଇଥିଲା। ଫତୁରାନନ୍ଦ ଫାଉଣ୍ଡେସନ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ପ୍ରଜାତନ୍ତ୍ର ବିଷୁବ ସମ୍ମିଳନୀ, ଉତ୍କଳ ସାହିତ୍ୟ ସମାଜ, କଟକ ଲେଖକ ସହଯୋଗ ସମିତି, ପୁନର୍ନବା ସାହିତ୍ୟ ସଂସଦ ପକ୍ଷରୁ ତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୭ ମସିହା ଜାନୁଆରୀ ମାସ ୨୨ ତାରିଖରେ ରେଭେନ୍ସା କଲେଜର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରେଷ୍ଠ ପ୍ରଫେସର ଭାବେ ତାଙ୍କୁ ସମ୍ମାନିତ କରାଯାଇଛି। ଏହା ହେଉଛି ତାଙ୍କ ଜୀବନର ଶେଷ ସମ୍ମାନ। ଏହାଛଡ଼ା ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ଅନୁଷ୍ଠାନ ଗୁଡ଼ିକର ତାଲିକା ବହୁତ ଲମ୍ବା ହେବ, ତାହା ମୁଁ ଏଠାରେ ଉଲ୍ଲେଖ କରୁନାହିଁ। ଏହି ମହାନ ସାହିତ୍ୟ ସାଧକ ବ୍ୟକ୍ତି ହିସାବରେ ଥିଲେ ଅତ୍ୟନ୍ତ ସରଳ ଓ ବାସ୍ତବବାଦୀ, ଆଚରଣ ଆଉ ଉଚ୍ଚାରଣରେ କୌଣସି ପାର୍ଥକ୍ୟ ନଥିଲା। ଅନ୍ୟକୁ ଆନନ୍ଦ ଦେବାରେ ସଦାସର୍ବଦା ମୁଖର ଥିଲେ। ସାହିତ୍ୟ ରଚନା ଛଡ଼ା ସଂଗୀତ ପ୍ରତି ମଧ୍ୟ ତାଙ୍କର ରୁଚି ରହିଥିଲା। କଳାବିକାଶ କେନ୍ଦ୍ରରୁ ସେ ତବଲା ବାଦକ ଭାବେ ବିଶାରଦ ଉପାଧି ଲାଭ କରିଥିଲେ। ରାଷ୍ଟ୍ରଭାଷା ପ୍ରଚାର ସମିତି ୱାର୍ଦ୍ଧାରୁ ସେ ହିନ୍ଦୀ ବିଶାରଦ ଉପାଧି ଲାଭ କରିଥିଲେ। ସାହିତ୍ୟ, କଳା, ସଂସ୍କୃତି ସବୁ କ୍ଷେତ୍ରରେ ଜଣେ ପରିପୂର୍ଣ୍ଣ ମଣିଷ। ତାଙ୍କୁ ହରାଇ ଉତ୍କଳ ଭାରତୀ ମ୍ରିୟମାଣ, କାରଣ ତାଙ୍କ ସମକକ୍ଷ ସାହିତ୍ୟିକ ସୃଷ୍ଟି ହେବାପାଇଁ କେତେ କାଳ ଲାଗିବ, ସେକଥାର କିଏ ଉତ୍ତର ଦେଇପାରିବ ?

**-ରଘୁନାଥ ମହାପାତ୍ର,** ସତ୍ୟଶ୍ରୀ ନିଳୟ, ତାରାଚାନ୍ଦ ପାଟଣା, କଟକ, ଦୂରଭାଷ :୯୨୩୮୬୩୨୭୫୦

## ଅଲ୍ ଇଣ୍ଡିଆ ଡିଏସ୍‌ଓ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ




ଯାଜପୁର (ପିଏନ୍)-ଅଲ୍ ଇଣ୍ଡିଆ ଡିଏସ୍‌ଓ ଯାଜପୁର ଜିଲ୍ଲା କମିଟି ପକ୍ଷରୁ ରାଜ୍ୟର ବି.ଏଡ୍ କଲେଜଗୁଡ଼ିକରେ ଯୁଦ୍ଧକାଳୀନ ଭିତ୍ତିରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲ୍ଫ ଫାଇନାନ୍ସ ଭିତ୍ତିରେ ନାମଲେଖା ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ସହ ବି.ଏଡ୍, ସିଟ୍ ସଂଖ୍ୟା ବୃଦ୍ଧି କରିବା ଦାବୀରେ ଜିଲ୍ଲାପାଳଙ୍କ ଜରିଆରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା। ଆପଣ ଅବଗତ ଯେ ଚଳିତ ଶିକ୍ଷା ବର୍ଷରେ ରାଜ୍ୟର ବିଭିନ୍ନ କଲେଜମାନଙ୍କରେ ବି.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ସେପ୍ଟେମ୍ବର ୨୨ ଓ ୨୩ ତାରିଖକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଧାର୍ଯ୍ୟ ତାରିଖ ଠିକ୍ ପୂର୍ବଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହି ନାମଲେଖାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଛି। ଫଳରେ ର୍‍ୟାଙ୍କ୍ କାର୍ଡ଼ ଧରି ଆଶାୟୀ ଛାତ୍ରଛାତ୍ରୀମାନେ ହତାଶ ହୋଇ ବସିରହିଥିବାବେଳେ ସେମାନଙ୍କର ଗୋଟିଏ ଶିକ୍ଷାବର୍ଷ ନଷ୍ଟ ହେବାକୁ ଯାଉଛି। ଯଦ୍ଦ୍ୱାରାକି ସେମାନଙ୍କ ମାନସିକ ଭାରସାମ୍ୟ ଅତ୍ୟନ୍ତ ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏପରି ବାହାର କରିଥିବା ର୍‍ୟାଙ୍କକୁ ମଧ୍ୟ ବାରମ୍ବାର ପରିବର୍ତ୍ତନ କରାଯାଉଛି। ଅନ୍ୟପଟେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠକ୍ରମରେ ନାମଲେଖା ହୋଇଛି। ଅର୍ଥାତ୍ ପ୍ରକାରାନ୍ତରେ ସେଲ୍ଫ ଫାଇନାନ୍ସ ଭିତ୍ତିରେ ବି.ଏଡ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସରକାର ଛାତ୍ରଛାତ୍ରୀ ମାନଙ୍କୁ ବାଧ୍ୟ କରୁଛନ୍ତି। ଫଳରେ ଛାତ୍ରଛାତ୍ରୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ବି.ଏଡ୍ ସିଟ୍ ସଂଖ୍ୟା ବୃଦ୍ଧି କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବିଏଡ୍ କଲେଜ ଗୁଡ଼ିକରେ ନାମଲେଖା ଆରମ୍ଭ କରାଯାଉ ଏବଂ ସେଲଫ ଫାଇନାନ୍ସ ଭିତ୍ତରେ ନାମଲେଖା ବ୍ୟବସ୍ଥା ସଂପୂର୍ଣ୍ଣ ଉଚ୍ଛେଦ କରିବାପାଇଁ ଦାବୀ ଜଣାଇଛନ୍ତି। ଉକ୍ତ ଦାବୀପତ୍ର ପ୍ରଦାନ କରିଛନ୍ତି ଅଲ ଇଣ୍ଡିଆ ଡି.ଏସ୍.ଓ ଜିଲ୍ଲା ସମ୍ପାଦିକା ସସ୍ମିତା ଯେନା, ସମ୍ପାଦକ ମଣ୍ଡଳୀର ସଦସ୍ୟ ପଲ୍ଲୀ ମଲିକ, ଜିତେନ୍ଦ୍ର ମାଝୀ, ସସ୍ମିତା ମଲ୍ଲିକ, ମୁଧୁସ୍ମିତା ସିଂ।

## ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ନୂତନ ଛାତ୍ରଛାତ୍ରୀଙ୍କୁ ୨୦୨୨-୨୩ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା



ଖୋର୍ଦ୍ଧା (ପିଏନ୍)-ମୁକୁନ୍ଦପ୍ରସାଦସ୍ଥିତ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟରେ ନାମ ଲେଖାଇଥିବା ତିନିବର୍ଷିଆ ଡ଼ିଗ୍ରୀ କୋର୍ସ ଓ ପାଂଚବର୍ଷିଆ ଇଂଟିଗ୍ରେଟେଡ୍ ଲ କୋର୍ସର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଭାପତି ପ୍ରତାପ ଚନ୍ଦ୍ର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗଦେଇ କଲେଜ ସଂଲଗ୍ନ ଅନ୍ୟ ଏକ ନୂତନ କୋଠାରେ ବିନୋଦ ବିହାରୀ ପାଠାଗାର ଉଦ୍‌ଘାଟନ କରିଥିଲେ। କଲେଜ ପାଇଁ ସରକାରୀ ଯୋଜନା ଅନୁଯାୟୀ ନୂତନ ଜାଗା ମିଳିବ ବୋଲି ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ନାରାୟଣ ରାଓ, ଖ୍ୟାତନାମା ବ୍ୟଙ୍ଗକବି ଜ୍ଞାନ ହୋତା, ଦୂରଦର୍ଶୀର ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟ, ଐତିହାସିକ ସତ୍ୟବାଦୀ ବଳିଆରସିଂ, ଡ. ବିଷ୍ଣୁ ଚରଣ ସାହୁ, ବ୍ରିଗେଡ଼ିୟର ଅଭିମନ୍ୟୁ ରାଉତ, ଡ. ଦିଲ୍ଲୀପ କୁମାର ପତି, ସମାଜସେବୀ ଇତିଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ନୂତନ ଛାତ୍ରଛାତ୍ରୀମାନେ ନିଷ୍ଠାପର ଭାବେ ଅଧ୍ୟୟନଶୀଳ ହେବାସହ ସମାଜ ଗଠନରେ ନୀତି ନିପୁଣ ହେବାପାଇଁ ଆହ୍ୱାନ ଦେଇଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ଗିରିଶ ରଂଜନ ସାହୁ ଅତିଥି ପରିଚୟ ଦେବାସହ ୩ ବର୍ଷିଆ ପାଠ୍ୟକ୍ରମରେ ସିଟ ସଂଖ୍ୟା ୬୦ରୁ ୧୮୦କୁ ବୃଦ୍ଧିପାଇଥିବା ଏବଂ ଗତ ୫ ବର୍ଷିଆ ଇଂଟିଗ୍ରେଟଡ଼ କୋର୍ସ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ସଫଳତା ହାରରେ ଆଇନ ବିଶ୍ୱବିଦ୍ୟାଳୟ ମଧ୍ୟରେ ୨ୟ ସ୍ଥାନ ପାଇଥିବା ସୂଚନା ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ମୁସକିମ୍ କଉର, ସ୍ୱସ୍ତିକ କୁମାର ହୋତା, ଅଜିତ୍ ନାଏକ, ସୌମ୍ୟ ସାହୁ, ଅଂଶୁମାନ ବାରିକ ସୌମ୍ୟା ଚୌଧୁରୀଙ୍କୁ ପୁରସ୍କୃତ କରାଯାଇଥିଲା। ନଳିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମହାବିଦ୍ୟାଳୟ ସମ୍ପାଦକ ସୁଧୀର କୁମାର ମାନସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଧର୍ମଶାଳାରେ ବ୍ଲକସ୍ତରୀୟ ଏନ୍‌ଆର୍‌ଇଜିଏସ୍ ଜନଶୁଣାଣି ଶିବିର



ଧର୍ମଶାଳା (ପିଏନ୍): ଧର୍ମଶାଳା ପଂଚାୟତ ସମିତି ସଭାଗୃହରେ ବ୍ଲକ ସ୍ତରୀୟ ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କିତ ଏକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ ଯୋଗଦେଇ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ ଜନପ୍ରତିନିଧିମାନଙ୍କୁ ଏହାର ରୂପାୟନ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷା ବିଜୟିନୀ ମିଶ୍ର, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ଏବିଡିଓ ଅସିତ ପାତ୍ର ଯୋଗଦେଇଥିଲେ । ଏହି ଶିବିରରେ ମନରେଗା ଯୋଜନା ସହ ଜାତୀୟ ସାମାଜିକ ସହାୟତା ଓ ପଂଚଦଶ ଅର୍ଥ କମିସନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ବ୍ଲକର ସମସ୍ତ ପଂଚାୟତର ଜନପ୍ରତିନିଧି ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ମନରେଗା କାର୍ଯ୍ୟର ସଫଳ ରୂପାୟନ ପାଇଁ ଏହି ବ୍ଲକର ସଂପାରୁ, ଉତରପ୍ରତାପ, ଦେଓଦା, କାଏମା ଓ କୋତପୁର ପଂଚାୟତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜନଶୁଣାଣିରେ ମର୍ଜିତାପୁର ବାଲିଘାଟକୁ ବିରୋଧ

ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅନ୍ତର୍ଗତ ବ୍ରାହ୍ମଣୀ ନଦୀର ମର୍ଜିତାପୁରଠାରେ ପ୍ରଶାସନ ପକ୍ଷରୁ ନିଲାମ ଦିଆଯାଇଥିବା ବାଲିଘାଟକୁ ବିରୋଧ ପରେ ଏହାକୁ ନେଇ ଏକ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ସୂଚନା ମୁତାବକ ସ୍ଥାନୀୟ ଅଂଚଳର ଜୟନ୍ତ ଜେନା ବ୍ରହ୍ମଣୀ ନଦୀର ମର୍ଜିତାପୁର ବାଲିଘାଟକୁ ନିଲାମ ସୂତ୍ରରେ ନେଇଥିବା ବେଳେ ସ୍ଥାନୀୟ ଲୋକେ ବିଭିନ୍ନ କାରଣ ଦର୍ଶାଇ ଏହାକୁ ବିରୋଧ କରିବା ସହ ବାଲିଘାଟକୁ ବନ୍ଦ କରିବା ପାଇଁ ଧର୍ମଶାଳା ତହସିଲଦାର ଓ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ବାଲିଘାଟରୁ ବାଲି ଉତୋଳନ କରାଯାଇ ବନ୍ଧ ରାସ୍ତାଦେଇ ପ୍ରତ୍ୟେହ ଶହ ଶହ ସଂଖ୍ୟାରେ ଗାଡି ଯାତାୟାତ କରିବା ଫଳରେ ରାସ୍ତାସାରା ବାଲିପଡିବା ଯୋଗୁଁ ଯାତାୟାତରେ ବାଧା ଉପୁଯିବା ସହ ଲୋକେ ଦୁର୍ଘଟଣାର ଶିକାର ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମର୍ଜିତାପୁର କଲ୍ୟାଣ ମଣ୍ଡପ ଠାରେ ଏକ ଜନଶୁଣାଣିର ଆୟୋଜନ କରାଯାଇଥିଲା । ଏଥିରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ମଲିକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ମିଶ୍ର, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ଏସଡିପିଓ ସଂଜୟ କୁମାର ପଟ୍ଟନାୟକ, ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ଓ ସ୍ଥାନୀୟ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଏହି ଶିବିରରେ ଆଖପାଖ ଅଂଚଳର ୪ ଶହରୁ ଉର୍ଦ୍ଧ ଲୋକ ଉପସ୍ଥିତ ରହିଥିବା ବେଳେ ଅଧିକାଂଶ ଲୋକେ ବାଲିଘାଟକୁ ବିରୋଧ କରିଥିଲେ । ଆଇନ ଶୃଙ୍ଖଳାକୁ ନଜରରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ସେଠାରେ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ତେବେ ପ୍ରଶାସନ ନିଲାମ ପୂର୍ବରୁ ଜନଶୁଣାଣି ନକରି ନିଲାମ ଦେବା ପରେ ଜନଶୁଣାଣି କରି ହରଡଘଣାରେ ଫସିଯାଇଛି । ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଉକ୍ତ ବାଲିଘାଟକୁ ବନ୍ଦ କରାଯାଇ ନିଲାମଧାରୀକୁ ଟଙ୍କା ଫେରସ୍ତ କରାଯାଇ ନିଲାମ ବାତିଲ କରାଯାଉଛି କିମ୍ବା ଅନ୍ୟ କି ପଦକ୍ଷେପ ନିଆଯାଉଛି ତାହାକୁ ନେଇ ପ୍ରଶାସନ ଅଡୁଆ ପରିସ୍ଥିତିରେ ପଡିଯାଇଛି ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Sunday November 06, 2022 ଭୁବନେଶ୍ୱର ରବିବାର, ନଭେମ୍ବର ୦୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଦର୍ଶକଙ୍କ ମନମୋହିବ ଚଳିତ କଳିଙ୍ଗ ବାଲିଯାତ୍ରା ମହୋତ୍ସବ





ପାରାଦୀପ,(ପି.ଏନ): ପାରାଦୀପରେ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଉଦଘାଟନକୁ ଆଉ ଗୋଟିଏ ଦିନ ବାକି ଥିବା ବେଳେ ଏହାର ପ୍ରସ୍ତୁତି ଶେଷ ପର୍ଯ୍ୟାରେ ପହଁଚିଛି । ଏଥିନିମନ୍ତେ କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ତଥା ପାରାଦୀପ ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚରଣ ଧୀରଙ୍କ ନେତୃତ୍ୱରେ କମିଟିର ଦୈନିକ ବୈଠକ ଜାରି ରହିଛି । କମିଟି ସଭ୍ୟ ମାନଙ୍କ ଆଲୋଚନା ଓ ନିଷ୍ପତି କ୍ରମେ ଚଳିତ ବାଲିଯାତ୍ରାରେ ଷ୍ଟଲ ମାନଙ୍କ ସଂଖ୍ୟା ବ୍ୟଦ୍ଧି ପାଇଥିବା ବେଳେ ସ୍ଥାନୀୟ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସମେତ ରାଜ୍ୟର ବହୁ ଖ୍ୟତନାମା କଳାକାର ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବେ । ଏତଦ୍ ବ୍ୟତୀତ ବାଲିଯାତ୍ରା ପଡିଆରେ ଜନସାଧାରଣଙ୍କୁ ଆକୃଷ୍ଟ କରିବା ପାଇଁ ମଧ୍ୟ ବିଭିନ୍ନ ଆକର୍ଷଣୀୟ ଷ୍ଟଲ ନିର୍ମାଣ ସମେତ ପିଲାଙ୍କ ପାଇଁ ଦୋଳି ମାନଙ୍କର ବ୍ୟବସ୍ଥା କରାଯାଇଛି । ତେବେ ଏହି ଆଠ ଦିନ ବ୍ୟାପି ମହୋତ୍ସବର ସଫଳତା ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ବାଲିଯାତ୍ରା କମିଟି ଅହରାତ୍ର ତାର ଉଦ୍ୟମ ଜାରୀ ରଖିଛି ବୋଲି କମିଟି ସଭ୍ୟ ତଥା ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପ୍ରକାଶ କରିଛନ୍ତି । ତେବେ ଦୀର୍ଘ ଦିନ ପରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବକୁ ଉପଭୋଗ କରିବାକୁ ସହରବାସୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି ।

## ଓଡ଼ିଶା ଚସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘର ବୈଠକ

ବାଲେଶ୍ୱର,(ପି.ଏନ): ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ବାଲେଶ୍ୱର ଜିଲ୍ଲା କମିଟି ର ଏକ ବୈଠକ ଆଜି ଆୟୁଷ୍ମାନ କଲ୍ୟାଣ ମଣ୍ଡପ ବାଲେଶ୍ୱର ରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦୀର୍ଘ ୧୬ ବର୍ଷ ହେଲା କାର୍ଯ୍ୟ କରୁଥିବା ପରିଚାଳନା କର୍ମଚାରୀ, ବୈଶୟିକ ଓ ଆୟୁଷ ଡ଼ାକ୍ତର ମାନଙ୍କର ଅଲଗା ସଂଘ ଥିଲେ ମଧ ସମସ୍ତେ ମିଳିତ ଭାବେ 'ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ' ଗଠନ କରିଛନ୍ତି । ଏହାର ଜିଲ୍ଲା ସ୍ତରୀୟ ସମ୍ବନୟ କମିଟି ବୈଠକ ବସି ନୂତନ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରାଯାଇଥିଲା ।

## ପଂଚାନନ କାନୁନ୍‌ଗୋଙ୍କ ଗଳ୍ପ ସଙ୍କଳନ ନ୍ତଭିନ୍ନ ଏକ ରେବତୀ' ପୁସ୍ତକର ଲୋକାର୍ପଣ ଉତ୍ସବ

ଭୂବନେଶ୍ୱର,(ପି.ଏନ): ଆଜି ଭୂବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଓ ବିଶିଷ୍ଟ ଲେଖକ ତଥା ରାଜନୀତିଜ୍ଞ ପଂଚାନନ କାନୁନ୍‌ଗୋଙ୍କ ଗଳ୍ପ ସଙ୍କଳନ ନ୍ତଭିନ୍ନ ଏକ ରେବତୀନ୍ତ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଭାଷାବିତ୍ ତଥା ସାହିତ୍ୟିକ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ପୁସ୍ତକ ଲୋକାର୍ପିତ ଉତ୍ସବରେ ବିଶିଷ୍ଟ କଥାଶିଳ୍ପୀ ଡ. ଗୌରହରି ଦାସ ଓ ଅଧ୍ୟାପକ ବିଶ୍ୱରଂଜନ, ଗବେଷକ ତଥା ଭାଷାବିତ୍



ବସନ୍ତ କୁମାର ପଣ୍ଡା ଏବଂ ବିଶିଷ୍ଟ କବି ତଥା ଅନୁବାଦକ ସଂଗ୍ରାମ ଜେନା ପ୍ରମୁଖ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ପୁସ୍ତକକୁ ଲୋକାର୍ପିତ କରିଥିଲେ । ଉକ୍ତ ଉତ୍ସବକୁ ପକ୍ଷୀଘରର ସମ୍ପାଦକ ବନୋଜ ତ୍ରିପାଠୀ ସୁପରିଚାଳନା କରିଥିଲେ ।

## ଲୋକଙ୍କ ସହିତ ନବୀନ ଓ ମୋଦି ସରକାର ବିଶ୍ୱାସଘାତକତା କରିଛନ୍ତି : ଶରତ ପଟ୍ଟନାୟକ

ଭୁବନେଶ୍ୱର , (ପି.ଏନ); ଆଜି ପ୍ରଭାତରୁ ଚତୁର୍ଥ ଦିନର ନ୍ତଭାରତ ଯୋଡ ଯାତ୍ରା-ଓଡ଼ିଶାନ୍ତ ବଡ଼ଚଣା ପେଟ୍ରୋଲ ଟାଙ୍କି ଠାରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା । ଯାଜପୁର ଜିଲ୍ଲାର ହଜାର ହଜାର କଂଗ୍ରେସ କର୍ମୀ, ଚାଷୀ, ଶ୍ରମିକ, ବେକାର ଯୁବକ, ଛାତ୍ର ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର ବ୍ୟକ୍ତିବିଶେଷ ଏଥିରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ସ୍ଥାନରେ ସ୍ଥାନୀୟ ଅଧିବାସୀମାନେ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ସ୍ୱାଗତ କରିବା ସହ ସେଠିକାର ସ୍ଥାନୀୟ ସମସ୍ୟା ସଂପର୍କରେ ଅବଗତ କରାଇଥିଲେ । ଗଣମାଧ୍ୟମକୁ ଏହି ପରିପ୍ରେକ୍ଷୀରେ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ନବୀନ ଓ ମୋଦି ସରକାର ଲୋକଙ୍କ ସହିତ ବିଶ୍ୱାସଘାତକତା କରିଛନ୍ତି । ଭୋଟ ହାତେଇ ନେବାପରେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିନାହାନ୍ତି । ନଗଡ଼ାର ଚିତ୍ର ଯାଜପୁର ବିକାଶର ମାପକାଠି । କଳିଙ୍ଗନଗର ଆଦିବାସୀ ଗଣହତ୍ୟା ଘଟଣାରୁ ନବୀନ ସରକାରର ଆଦିବାସୀ ବିରୋଧି ମନୋଭାବ ସ୍ପଷ୍ଟ ପ୍ରକଟିତ । ସେଠାରେ ନବୀନ ସରକାର ଆଦିବାସୀଙ୍କ ରକ୍ତରେ ହୋଲି ଖେଳିଥିଲା । ଯାଜପୁର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ । ଧର୍ମଶାଳାର ବହୁ ଚର୍ଚ୍ଚିତ ସ୍ମିତାରାଣୀ ହତ୍ୟା ଘଟଣା ପୋଲିସ ଫାଇଲତଳେ ଚପେଇ ଦିଆଯାଇଛି । ଏପରିକି ମା' ବିରଜାଙ୍କ ପ୍ରତି ମଧ ଶାସକଦଳର ସମ୍ମାନ ନାହିଁ । ମା' ବିରଜାଙ୍କ ମୂର୍ତି ବଦଳ ଘଟଣାର ତଦନ୍ତ ବାଟବଣା ହୋଇଯାଇଛି । ଏହା କେବଳ ଯାଜପୁର ନୁହେଁ ସାରା ଓଡିଶାର ଜନସାଧାରଣଙ୍କ ଭାବାବେଗକୁ ଆଘାତ କରିଛି । ଯାଜପୁର ଜିଲ୍ଲାର ଶିଳ୍ପମାନଙ୍କରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ । ମେକଇନ ଓଡ଼ିଶା କନ୍‌କ୍ଲେଭ ଓଡିଶାବାସୀଙ୍କୁ ଭୁଆଁ ବୁଲାଇବାପାଇଁ ଉଦ୍ଦିଷ୍ଟ । ଯାଜପୁର



ଜିଲ୍ଲାରେ ଅବସ୍ଥିତ ନିଳାଚଳ ଇସ୍ପାତ ନିଗମ ଭଳି ଉଦ୍ୟୋଗକୁ ରୁଗ୍‌ଣ କରାଯାଇ ଶେଷରେ ସାଗମାଛ ଦରରେ ଟାଟା କମ୍ପାନୀ ହାତରେ ସମର୍ପଣ କରିଦିଆଗଲା । ଏବେ ନିଯୁକ୍ତି ଓ ବିକାଶର ଭେଳିକି ଦେଖାଇ କୋଟି ସରକାରୀ ଅର୍ଥ ବ୍ୟୟ କରି ମେକଇନ ଓଡ଼ିଶା କନକ୍ଲେଭ କରାଇବାର ଯଥାର୍ଥତା କ'ଣ । ନବୀନ ସରକାର କେବଳ ଏମଓୟୁ ଦସ୍ତଖତ କରନ୍ତି କିନ୍ତୁ ଏହାକୁ ସାକାର କରିବାରେ ବିଫଳ । ଡଙ୍ଗାରୀ ପାହାଡ଼ରୁ ଲଘୁ ଖଣିଜ ଦ୍ରବ୍ୟର ଅବାଧ ଲୁଟ ଚାଲିଛି । ବ୍ରାହ୍ମଣୀ ଓ କେଲୁଅ ନଦୀରୁ ବାଲି ଲୁଟ ଚାଲଛି । ରାମକୋ ସିମେଣ୍ଟର ପ୍ରଦ୍ୟୁଷଣରେ ଲୋକେ ଅଣନିଶ୍ୱାସୀ । ଏହି ଜିଲ୍ଲାର ଶାସନ ଡୋରି କେତୋଟି ନିର୍ଦ୍ଦିଷ୍ଟ ପରିବାର ହାତରେ ୩୦ ବର୍ଷରୁ ଉର୍ଦ୍ଧଧରି ବନ୍ଧା ପଡ଼ିଛି । ସେମାନେ ଜିଲ୍ଲାବାସୀଙ୍କୁ ପ୍ରତାରିତ କରି ଜିଲ୍ଲାର ସଂପତିକୁ ହରିଲୁଟ କରୁଛନ୍ତି । ଏଠିକାର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିପର୍ଯ୍ୟସ୍ତ । ଯାଜପୁର ଜିଲ୍ଲା ରତ୍ନଗର୍ଭା ମାତ୍ର ଯାଜପୁର ଜିଲ୍ଲାର ବାସିନ୍ଦା ଉତ୍କଟ ଦାରିଦ୍ର୍ୟ ଓ ବେକାରୀର ଶିକାର । କଳିଙ୍ଗ ନଗରରର ଶିଳ୍ପାଂଚଳର ପ୍ରଦୁଷଣରେ ସ୍ଥାନୀୟ ବାସିନ୍ଦା ରୁଗଣଗ୍ରସ୍ତ । ଏମାନେ ଧୂଆଁ ଧୂଳି ଖାଉଛନ୍ତି ମାତ୍ର ସେଠାରେ ସ୍ଥାନୀୟ ନିଯୁକ୍ତି ନାହିଁ । ନବୀନ ଓ ମୋଦି ସରକାର ପାଇଁ ଓଡ଼ିଶାର ସ୍ୱାଭିମାନ, ସମ୍ମାନ ଓ ଗୌରବମୟ ଇତିହାସ ଆଜି ଲୁଣ୍ଠିତ । ଲୋକେ ଭୋକ ବିକଳରେ ଦାଦନ ଖଟିବାକୁ ଯାଇ ଓଡ଼ିଶା ମାଟି ଛାଡୁଛନ୍ତି । ଆମେ ଏକ ସଂକଟମୟ ପରିସ୍ଥିତି ଦେଇ ଗତିକରୁଛେ । ଗାଁରୁ ରାଜଧାନୀ ପର୍ଯ୍ୟନ୍ତ ମୋଦି ଓ ନବୀନ କୁଶାସନର ବିକଳ ଚିତ୍ରକୁ ସିଧାସଳଖ ଭାରତ ଯୋଡ଼ ଯାତ୍ରା ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ସ୍ପଷ୍ଟ ଜାଣିହେଉଛି । ଚତୁର୍ଥ ଦିନର ଯାତ୍ରା ସଂଧ୍ୟା ସୁଦ୍ଧା ଜାର୍କାଠାରେ ପହଂଚିଛି । ଆସନ୍ତା କାଲି ପଂଚମ ଦିନର ଯାତ୍ରା ଆରମ୍ଭ ହେବ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ, ଶ୍ରୀ ଜୟଦେବେ ଜେନା, ରାମଚନ୍ଦ୍ର ଖୁଂଟିଆ, ଗଣେଶ୍ୱର ବେହେରା, ଭୁଜବଳ ମାଝୀ, ମାନସ ଚୌଧୁରୀ, ବନ୍ଦିତା ପରିଡ଼ା, ମନୋଜ ରାଉତ, ବିଶ୍ୱରନ ମହାନ୍ତି, ଅଂଶୁମାନ ମହାନ୍ତି, ରାଜନାରାୟଣ ମହାପାତ୍ର, ଦେବେନ୍ଦ୍ର ନାଥ ଶର୍ମା, ଚିନ୍ମୟ ବେଉରା, ଅଭିଷେକ ମହାନନ୍ଦ, ଶ୍ରୀନାଥ ମିଶ୍ର, କିଷାନ ପଣ୍ଡା, ସନ୍ତୋଷ ବେହେରା, ଅମୀୟ ପଟ୍ଟନାୟକ, ହଳଧର ସେଠୀ, ସୁବ୍ରତ ମହାପାତ୍ର, ପ୍ରଦୀପ ମହାପାତ୍ର, ସତ୍ୟବ୍ରତ ନାୟକ, ସୁଶାନ୍ତ ତ୍ରିପାଠୀ, ପଦ୍ମାକର ଗୁରୁ, ମୁଣ୍ରୀ କଳ୍ପନା ରାଉତରାୟ, ସତ୍ୟପ୍ରିୟ ସାମଲ, ମାନସ କର, ସନ୍ତୋଷ ବେହେରା, ଅନନ୍ତ ଦାସ, ରିତାଶ୍ରୀ ମହାନ୍ତି, ମନୋଜ ବିଶ୍ୱାଳ, ଜ୍ଞାନ ରନ ପଟ୍ଟନାୟକ, ବିପ୍ଳବ ଶିଳାଦିତ୍ୟ, ବାଙ୍କନିଧି ବେହେରା, ବିଷ୍ଣୁ ରାଉତ, ନଳିନୀକାନ୍ତ ନାୟକ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ଆଶିଷ ମଲ୍ଲିକ, ଦୀପକ ମହାପାତ୍ର, ବଳଭଦ୍ର ଦାସ, ପ୍ରମୁଖ ହଜାର ହଜାର କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଥିଲେ ବୋଲି ନ୍ତଭାରତ ଯୋଡ଼ ଯାତ୍ରା - ଓଡ଼ିଶାନ୍ତର ମିଡିଆ ଇନଚାର୍ଜ ପ୍ରକାଶ ମିଶ୍ର ଏକ ପ୍ରେସବିଜ୍ଞପ୍ତିରେ ଜଣାଇଛନ୍ତି ।

## ବଳରାମ ସାମାଜିକ ସାଂସ୍କୃତିକ ପରିଷଦର ତୁଳସୀ ବିବାହ

କେନ୍ଦ୍ରାପଡ଼ା,(ପି.ଏନ): ପବିତ୍ର ଗରୁଡ ଦ୍ୱାଦଶୀ ଉପଲକ୍ଷେ କେନ୍ଦ୍ରାପଡା ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ଅବସ୍ଥିତ କାଶୀବିଶ୍ୱନାଥ ମନ୍ଦିରରେ ପୂଜା ପାଉଥିବା ଶ୍ରୀବଳରାମଙ୍କ ସହିତ ତୁଳସୀଙ୍କ ବିବାହ ଉତ୍ସବ ନିଖିଳ ଓଡିଶା ତୁଳସୀ ଶ୍ରୀ ଶ୍ରୀ ବଳରାମ ସାମାଜିକ ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଚାରିନଙ୍ଗଳର ଲକ୍ଷ୍ମୀ-ନାରାୟଣ ପୂଜା କମିଟିର ମହେଶ୍ୱର ମହାପାତ୍ର, କାହ୍ନୁ ଚରଣ ଦାସ, ବାନାମ୍ବର ସାମଲ, ଉମେଶ ଦାସ, ସଖୀବଟ ଉନ୍ନୟନ ପରିଷଦର ଟ୍ରଷ୍ଟି ଦିଲ୍ଲିପ ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ଫକିର ମୋହନ ଓଝା, ମନ୍ଦିର ପୂଜକ ଗୌରାଙ୍ଗ ସୁଆରଦିବାକର ପତ୍ରୀ,ହାବୁ ସୁଆର, ଦିପକ ପତି ଓ ଅନ୍ୟ ପୂଜକମାନଙ୍କ ଗହଣରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପ୍ରଭୁ ଶ୍ରୀବଳରାମ ଅତ୍ୟାଚାରୀ, ଉତ୍ପୀଡକ ଅସୁର ରାଜା କନ୍ଦରାସୁର, ଶଙ୍କୁକର୍ଣ୍ଣ ଓ ମଧୁଦୈତ୍ୟମାନଙ୍କୁ ବଧକରି ତୁମସୀଙ୍କୁ ବିବାହ କରି କେନ୍ଦ୍ରାପଡା ଓ ତୁଳସୀକ୍ଷେତ୍ର ନାମକରଣ କରିବା ସହ ଅନ୍ୟାନ୍ୟ



ବହୁସ୍ଥାନକୁ ମଧ ନାମକରଣ କରିଥିଲେ । ପବିତ୍ର ଗରୁଡ ଦ୍ୱାଦଶୀ ତିଥିରେ ତୁଳସୀଙ୍କ ପାଣିଗ୍ରହଣ କରିବା ପରେ ତୁଳସୀ ନିଜ ପିତା, ପିତାମହ ଓ ପ୍ରପିତାମହ ଯଥାକ୍ରମେ କନ୍ଦରାସୁର, ଶଙ୍କୁକର୍ଣ୍ଣ ଓ ମଧୁଦୈତ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ନାମକରଣ କରିବା ପଇଁ ଶ୍ରୀ ଶ୍ରୀ ବଳରାମଙ୍କୁ ଅନୁରୋଧ କରିଥିଲେ । ଏହି ପୁରାଣବର୍ଣ୍ଣିତ ଉପାଖ୍ୟାନ ସମ୍ପର୍କରେ ଶ୍ରୀ ସାମନ୍ତ ଆଲୋକପାତ କରିଥିଲେ । ଏହି ଅବସରରେ ନିଖିଳ ଓଡିଶା ତୁଳସୀ ଶ୍ରୀଶ୍ରୀ ବଳରାମ ସାମାଜିକ-ସାଂସ୍କୃତିକ ପରିଷଦ ପକ୍ଷରୁ ଗଣାମାହାଲ ସ୍ଥିତ ବିନୋଦ ବିହାରୀ ମନ୍ଦିର ପରିସରରେ କେନ୍ଦ୍ରାପଡା ଓ ତୁଳସୀକ୍ଷେତ୍ର ଏବଂ ଅନ୍ୟାନ୍ୟ ସ୍ଥାନର ନାମକରଣ ସମ୍ବନ୍ଧରେ ପ୍ରଥମ ବାର୍ଷିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍ୱର୍ଗତ ସତୀଶ ଚନ୍ଦ୍ର ସାମନ୍ତ, ସ୍ୱର୍ଗତା ପ୍ରଫୁଲ୍ଲମୟୀ ସାମନ୍ତ ଏବଂ ସ୍ୱର୍ଗତା ଶତଦଳ ସାମନ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ସ୍ଥାନରେ ଶ୍ରୀବଳରାମଙ୍କ ମୂ□ ସ୍ଥାପନ କରାଯିବ ବୋଲି ପରିଷଦର ସଭାପତି ଶ୍ରୀ ନେପାଳ ପ୍ରକାଶ ସାମନ୍ତ ସୂଚନା ଦେଇଥିଲେ । ଏହି ଅବସରରେ ଗତ ଗୁରୁବାର ଦିନ ଚମ୍ପତିପୁର ଲଳିତଗିରିରୁ ଶ୍ରୀବଳରାମଙ୍କ ଚଳନ୍ତି ପ୍ରତିମା ଡେରାବିଶର ଓଲଢି ଠାରେ ପହଞ୍ଚିବା ପରେ ସେଠାରେ ମଧୁଦୈତ୍ୟ ବଧ କରାଯାଇଥିଲା । ଏହାପରେ ଶୁକ୍ରବାର ଛତାମଠ ଠାରେ ବିମାନ ଚାପ ଖେଳିବା ପରେ ସନ୍ଧ୍ୟାରେ ଚାରିନଙ୍ଗଳ ଠାରେ ଶଙ୍କୁକର୍ଣ୍ଣ ଅସୁରବଧ ହୋଇଥିଲା । ଏହାପରେ ଶନିବାର ବିନୋଦବିହାରି ମନ୍ଦିର ପରିସରରେ ତୁଳସୀ ଓ ଶ୍ରୀବଳରାମଙ୍କର ଏକ ପଟୋଚିତ୍ର ଉନ୍ମୋଚନ କରାଯାଇଥିଲା ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray